




# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ବେଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ “ସାକ୍ଷୀଗୋପାଳନାଟକ ସଂଘ” ଓ ୧୯୩୯ରେ “ଓଡିଶା ଥିଏଟର୍ସ” ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର ‘ଭରତ ମୁନି’ ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



# ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ । କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ । ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ । ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି । ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ । ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

# ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

# ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

# ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ମୂଲ୍ୟବୃଦ୍ଧି ଏବଂ ସାଧାରଣ ଉପଭୋକ୍ତାଙ୍କ ଦୁର୍ଦ୍ଦଶା

**ପ୍ରଦୀପ୍ତ ଆଚାର୍ଯ୍ୟ**

ଆ । ବଶ୍ୟକୀୟ ଜିନିଷକୁ କ୍ରୟ କରି ଉପଭୋଗ କରୁଥିବା ବ୍ୟକ୍ତିମାନେ ହିଁ ଉପଭୋକ୍ତା । ସାଧାରଣତଃ ସମାଜରେ ତିନି ଶ୍ରେଣୀର ଉପଭୋକ୍ତା ଦୃଷ୍ଟିଗୋଚର ହୁଅନ୍ତି । ଉଚ୍ଚ ବର୍ଗ, ମଧ୍ୟମ ବର୍ଗ ଏବଂ ନିମ୍ନ ବର୍ଗ । କ୍ରୟ କ୍ଷମତା ଅନୁଯାୟୀ ଏହି ବିଭାଗୀକରଣ ହୋଇଥାଏ । ଉଚ୍ଚ ବର୍ଗର ଉପଭୋକ୍ତାଙ୍କର ଆର୍ଥିକ ସ୍ୱଚ୍ଛଳତା ପାଇଁ, ମୂଲ୍ୟବୃଦ୍ଧି ଦ୍ୱାରା ସେମାନେ ବିଶେଷ ପ୍ରଭାବିତ ହୁଅନ୍ତି ନାହିଁ । ନିମ୍ନ ଆୟକାରୀ ବର୍ଗଙ୍କର ସ୍ୱଳ୍ପ ଆୟ ନିମନ୍ତେ, ମୂଲ୍ୟବୃଦ୍ଧି ସମୟରେ, ସେମାନେ ସେମାନଙ୍କର ଆବଶ୍ୟକତାକୁ ସଙ୍କୁଚିତ କରିଥାନ୍ତି । କିନ୍ତୁ ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ମଧ୍ୟମ ବର୍ଗର ଉପଭୋକ୍ତା । ନା ସେମାନେ ଆବଶ୍ୟକତାକୁ ସଙ୍କୁଚିତ କରିପାରନ୍ତି, ନା ସେମାନଙ୍କର କ୍ରୟ କ୍ଷମତା ଅଧିକ ଥାଏ । ଉପଭୋଗ୍ୟ ଦ୍ରବ୍ୟଗୁଡ଼ିକୁ ମଧ୍ୟ ତିନି ଭାଗରେ ବିଭକ୍ତ କରାଯାଇଛି । (୧) ଅତ୍ୟାବଶ୍ୟକୀୟ ଦ୍ରବ୍ୟ ଯଥା-ଖାଦ୍ୟ, ବସ୍ତ୍ର ବାସଗୃହ, ଯାହାକି ଜୀବନଧାରଣ ନିମନ୍ତେ ଅପରିହାର୍ଯ୍ୟ । (୨) ଆରାମଦାୟକ ଦ୍ରବ୍ୟ ଯଥା-ଫ୍ୟାନ, ୱାଟର ପମ୍ପ, ଗ୍ରାଇଣ୍ଡର ଇତ୍ୟାଦି, ଯାହା ଶ୍ରମ ଲାଘବରେ ସହାୟକ ହୋଇଥାଏ । (୩) ବିଳାସପୂର୍ଣ୍ଣ ଦ୍ରବ୍ୟ ଯଥା-ଗାଡ଼ି, ମୂଲ୍ୟବାନ ଗୃହ, ଶୀତତାପ ନିୟନ୍ତ୍ରିତ ଯନ୍ତ୍ର, ଯାହା ଜୀବନକୁ ସ୍ୱଚ୍ଛନ୍ଦତା ପଥରେ ଆଗେଇ ନେଇଥାଏ । ବିଭିନ୍ନ ବର୍ଗର ଉପଭୋକ୍ତା ମଧ୍ୟ ଚାହିଦା ଅନୁଯାୟୀ ଦ୍ରବ୍ୟ ବ୍ୟବହାର କରିଥାନ୍ତି । ସର୍ବପ୍ରଥମେ ଆମେ ଦେଖିବା ମୂଲ୍ୟବୃଦ୍ଧିର କାରଣ କ'ଣ ? (୧) ମୂଲ୍ୟବୃଦ୍ଧିର ସର୍ବପ୍ରଥମ କାରଣ ହେଉଛି, ଦ୍ରବ୍ୟର ଚାହିଦା ଅନୁସାରେ ଉତ୍ପାଦନ ହ୍ରାସ ଘଟିବା । ସାଧାରଣତଃ ଗ୍ରାମାଂଚଳର ଲୋକମାନେ କର୍ମ ଅନ୍ୱେଷଣରେ ସହରାଭିମୁଖୀ ହେବା ଦ୍ୱାରା କୃଷିକାର୍ଯ୍ୟ ମୁଖ୍ୟତଃ ବାଧାପ୍ରାପ୍ତ ହେଉଅଛି । ଦେଶର ଅର୍ଥନୀତିର ମେରୁଦଣ୍ଡ ହେଉଛି କୃଷି । କୃଷିକାର୍ଯ୍ୟ ସଙ୍କୁଚିତ ହେଲେ, ଉତ୍ପାଦନ ହ୍ରାସ ହେଉଛି ଏବଂ କୃଷିଜାତ ଖାଦ୍ୟପଦାର୍ଥର ମୂଲ୍ୟ ଅହେତୁକ ଭାବରେ ବୃଦ୍ଧି ପାଉଛି । ବିଭିନ୍ନ ଯୋଜନା ମାଧ୍ୟମରେ, ସରକାରଙ୍କ ଦ୍ୱାରା, ନିମ୍ନ ଆୟକାରୀ ବର୍ଗର ବ୍ୟକ୍ତିମାନଙ୍କୁ ପ୍ରଦତ୍ତ ବିନା ମୂଲ୍ୟ ସାମଗ୍ରୀ ବଂଟନ ମଧ୍ୟ, ପରୋକ୍ଷ ଭାବରେ ଉତ୍ପାଦନ ହ୍ରାସର କାରଣ ହେଉଛି । ଉଚ୍ଚ ଆକାଂକ୍ଷାରହିତ, ସାଧାରଣ ନିମ୍ନ ଆୟକାରୀ ବର୍ଗ ବ୍ୟକ୍ତି ମାନଙ୍କର, ଖାଦ୍ୟର ଆବଶ୍ୟକତା, ମାଗଣା ଦ୍ରବ୍ୟ ପ୍ରାପ୍ତିରେ ପୂରଣ ହୋଇଯାଉଥିବାରୁ, ସେମାନେ କର୍ମବିମୁଖ ହୋଇଯାଉଛନ୍ତି । (୨) ମୁଦ୍ରାସ୍ଫୀତି ମଧ୍ୟ ଉତ୍ପାଦନ



ହ୍ରାସ ଏବଂ ମୂଲ୍ୟବୃଦ୍ଧିର ଅନ୍ୟତମ କାରଣ । ବେତନ ବୃଦ୍ଧି, କମ୍ କାମରେ ଅଧିକ ରୋଜଗାର, ଲୋକମାନଙ୍କ ନିକଟରେ ଅର୍ଥର ଆଧିକ୍ୟ ହେତୁ, ସେମାନେ କଠିନ କର୍ମ କରିବାକୁ ପଶ୍ଚାତ୍‌ପଦ ହେଉଛନ୍ତି, ଯାହାକି ଉତ୍ପାଦନ ହ୍ରାସର କାରଣ । ମୂଲ୍ୟବୃଦ୍ଧି କାରଣରୁ ମୁଦ୍ରାସ୍ଫୀତି ଘଟେ ବୋଲି ଅର୍ଥନୀତିଜ୍ଞ ମାନଙ୍କର ମତ । ମୁଦ୍ରାସ୍ଫୀତିର ଆଉ ଏକ ପ୍ରମୁଖ କାରଣ ହେଉଛି କଳାଧନ । ସାଧାରଣତଃ ଦୁର୍ନୀତି ଓ କ୍ଷମତାର ଅପବ୍ୟବହାର ଯୋଗୁଁ କଳାଧନ ବୃଦ୍ଧି ଘଟିଥାଏ । କଳାଧନର ପରିମାଣ ଯେତେ ଅଧିକ ହୁଏ, ମୁଦ୍ରାସ୍ଫୀତି ଏବଂ ମୂଲ୍ୟବୃଦ୍ଧି ମଧ୍ୟ ସମାନ ପରିମାଣରେ ଅଧିକ ହୋଇଥାଏ । (୩) ସାଧାରଣତଃ ନିର୍ବାଚନ ପରେ ପରେ ମଧ୍ୟ ବହୁଳ ଭାବରେ ମୂଲ୍ୟବୃଦ୍ଧି ପରିଲକ୍ଷିତ ହୋଇଥାଏ । କିଛି ଅସାଧୁ ରାଜନୈତିକ ପାର୍ଟୀ ନିର୍ବାଚନ ସମୟରେ, ବଡ ବଡ ବ୍ୟବସାୟୀଙ୍କ ଠାରୁ ଚାନ୍ଦା ନେଇ, ନିର୍ବାଚନ ଖର୍ଚ୍ଚ ତୁଲାଇଥା'ନ୍ତି । ନିର୍ବାଚନ ସରିଗଲା ପରେ ବ୍ୟବସାୟୀମାନେ ଏକତ୍ରିତ ହୋଇ, ଦେଇଥିବା ଅର୍ଥର ଭରଣା କରିବା ନିମନ୍ତେ, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ ମୂଲ୍ୟବୃଦ୍ଧି କରିଥାନ୍ତି । ସାଧାରଣତଃ ବଜାରରେ ଯଦି କୌଣସି ଜିନିଷର ଚାହିଦା ବୃଦ୍ଧି ଘଟିଥାଏ, ଅସାଧୁ ବ୍ୟବସାୟୀମାନେ, ସେହି ଜିନିଷଟିର କୃତ୍ରିମ ଅଭାବ ସୃଷ୍ଟି କରି, ଅହେତୁକ ମୂଲ୍ୟବୃଦ୍ଧି ଘଟାଇଥାନ୍ତି । ଫଳରେ ସାଧାରଣ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । (୪) ଉତ୍ପାଦନ ହ୍ରାସ ସାଙ୍ଗକୁ ଜନସଂଖ୍ୟା ବିସ୍ଫୋରଣ ମଧ୍ୟ ମୂଲ୍ୟବୃଦ୍ଧିରେ ସହାୟକ ଭୂମିକା ନିର୍ବାହ କରେ । (୫) ମୁନାଫାଖୋର ଅସାଧୁ ବ୍ୟବସାୟୀଙ୍କ ଉପରେ, କୋହଳ ସରକାରୀ ନିୟନ୍ତ୍ରଣ, ମୂଲ୍ୟବୃଦ୍ଧିର ଅନ୍ୟତମ ପ୍ରଧାନ କାରଣ କହିଲେ ଅତ୍ୟୁକ୍ତି ହେବନାହିଁ । ସରକାର ଏବଂ ଜନସାଧାରଣଙ୍କ ତରଫରୁ କିଛି ସତର୍କତାମୂଳକ ପଦକ୍ଷେପ ନିଆଗଲେ, ହୁ ହୁ ହୋଇ ବଢୁଥିବା ବଜାର ଦର କିୟଦାଂଶରେ ନିୟନ୍ତ୍ରିତ ହୋଇପାରନ୍ତା । (୧) ପ୍ରଥମେ ସାଧାରଣ ଖାଉଟି, ସେମାନଙ୍କର ମାନସିକତାର ପରିବର୍ତ୍ତନ କରି, କର୍ମବିମୁଖ ନହୋଇ, ଉତ୍ପାଦନ ବୃଦ୍ଧି ନିମନ୍ତେ କର୍ମପ୍ରବଣ ହେବା ଉଚିତ୍ । (୨) ସରକାର ନିମ୍ନ ଆୟକାରୀ ବର୍ଗଙ୍କୁ ମାଗଣାରେ ଜିନିଷ ନଦେଇ, କର୍ମ ବିନିମୟରେ ପ୍ରଦାନ କଲେ, ଉତ୍ପାଦନ ବାଧାପ୍ରାପ୍ତ ହୁଅନ୍ତା ନାହିଁ ଏବଂ ସେମାନଙ୍କ ମନରୁ ଆଳସ୍ୟତା ଓ କର୍ମବିମୁଖତା ଅନେକାଂଶରେ କମିଯାଆନ୍ତା । (୩) ସରକାର ଯଦି ନିର୍ବାଚନ ପ୍ରଚାର ନିୟମରେ ପରିବର୍ତ୍ତନ ଆଣି, ପ୍ରାର୍ଥୀମାନେ ଲୋକମାନଙ୍କ ଘରକୁ ଯିବାରେ ରୋକ୍ ଲଗାଇ, ଗଣମାଧ୍ୟମ ଜରିଆରେ ପ୍ରଚାର ବ୍ୟବସ୍ଥା ପ୍ରବର୍ତ୍ତନ କରନ୍ତେ, ତେବେ ନିର୍ବାଚନଜନିତ ବ୍ୟୟ କମିଯାଆନ୍ତା ଏବଂ ଟଙ୍କା ବାଂଟିବା ପ୍ରକ୍ରିୟାରେ ବାଧା ସୃଷ୍ଟି ହୁଅନ୍ତା । ଫଳରେ ଅସାଧୁ ରାଜନୈତିକ ବ୍ୟକ୍ତିମାନେ, ବ୍ୟବସାୟୀମାନଙ୍କ ଉପରେ ଚାନ୍ଦା ପାଇଁ ଜୁଲମ କରନ୍ତେ ନାହିଁ ଏବଂ ସେମାନେ ଦେଇଥିବା ଚାନ୍ଦା ଅର୍ଥକୁ ଭରଣା କରିବା ପାଇଁ ମୂଲ୍ୟବୃଦ୍ଧି କରନ୍ତେ ନାହିଁ । (୪) ଚାନ୍ଦା ଗ୍ରହଣ ନକଲେ, ସରକାର ଅସାଧୁ ଲାଭଖୋର ବ୍ୟବସାୟୀଙ୍କ ପ୍ରତି ନମନୀୟ ମନୋଭାବ ବଦଳରେ କଠୋର ପଦକ୍ଷେପ ଗ୍ରହଣ କରିପାରନ୍ତେ, ଯାହାକି ଅହେତୁକ ମୂଲ୍ୟବୃଦ୍ଧିକୁ ଅନେକ ପରିମାଣରେ ରୋକାଯାଇ ପାରନ୍ତା । (୫) ବେକାର ଯୁବକମାନଙ୍କୁ ସରକାର ନିଯୁକ୍ତି ଦେବାର କ୍ଷମତା ପରିସର ବାହାରେ ଥିବାରୁ, ସେମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରି, କୃଷି କ୍ଷେତ୍ରକୁ ଆକୃଷ୍ଟ କରାଇ ପାରିଲେ, ନିଶ୍ଚିତ ଭାବରେ ଉତ୍ପାଦନ ବୃଦ୍ଧି ପାଇପାରନ୍ତା । (୬) ଉଚ୍ଚ ଆୟ ବର୍ଗର ବ୍ୟକ୍ତିମାନେ, ସେମାନଙ୍କର ଅନାବଶ୍ୟକ କ୍ରୟର ମାନସିକତାକୁ ସଙ୍କୁଚିତ କରାଇଲେ, ଦ୍ରବ୍ୟର ଚାହିଦା ହ୍ରାସ ସଙ୍ଗେ ସଙ୍ଗେ ମୂଲ୍ୟବୃଦ୍ଧି ସ୍ଥିର ରହିପାରନ୍ତା ।

ଭାରତୀୟ ସମାଜର ଜୀବନଧାରାର ବିକାଶ ପଥରେ, ମୂଲ୍ୟବୃଦ୍ଧି ଏକ ଅନ୍ତରାୟ ସୃଷ୍ଟି କରାଇବାର ମୁଖ୍ୟାଂଶରେ ଅବତୀର୍ଣ୍ଣ । ମୁଦ୍ରାସ୍ଫୀତିକୁ ଅଙ୍କୁଶ ଲଗାଇ, ଦରଦାମ ବୃଦ୍ଧିକୁ ସ୍ଥିର ଅବସ୍ଥାରେ ରଖିବା, ଗୋଟିଏ ସଫଳ ଓ ଲୋକପ୍ରିୟ ସରକାରର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ । ସାଧାରଣ ଲୋକଙ୍କର ସହଯୋଗ ଓ ନିମ୍ନ ମାନସିକତାର ପରିବର୍ତ୍ତନ ମଧ୍ୟ ଏ ଦିଗରେ ଏକାନ୍ତ କାମ୍ୟ ।

*-ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ*

# ଓଡ଼ିଶାରେ କାଗଜବିହୀନ କୋର୍ଟ ଶୁଭାରମ୍ଭ

ବିଳମ୍ବିତ ନ୍ୟାୟ ପ୍ରକୃତ ନ୍ୟାୟ ନୁହେଁ ବୋଲି ଆଦର୍ଶ ଗ୍ରହଣ କରାଯାଇଥିଲେ ମଧ କୋର୍ଟ କଚେରୀରେ ସରକାରୀ ଦସ୍ତାବେଜ ଓ ପ୍ରାମାଣିକ କାଗଜପତ୍ର ଇତ୍ୟାଦିର ଅପରିହାର୍ଯ୍ୟ ଆବଶ୍ୟକତା ଯୋଗୁଁ ମାମଲା ଗୁଡ଼ିକର ସର୍ବଶେଷ ରାୟ ଆସିବା ପାଇଁ ବହୁ ଅହେତୁକ ବିଳମ୍ବ ଘଟୁଛି । ଅସଂଖ୍ୟ ଉଦାହରଣ ଏଭଳି ଅଛି ଯେ ପୁରୁଷ ପୁରୁଷ ଧରି ମାମଲା ଗୁଡ଼ିକର ସମାଧାନ ହୋଇପାରିନି, ବିଚାରାଧୀନ କଏଦୀମାନେ ଜେଲ



ପରିସରରେ ପ୍ରାଣତ୍ୟାଗ କରୁଛନ୍ତି ଏବଂ ଅଭିଯୁକ୍ତମାନେ ଜାମିନରେ ଆସି ବିଧାୟକ ଓ ମନ୍ତ୍ରୀପଦ ମଧ ହାସଲ କରୁଛନ୍ତି । ଦେୱାନି ମୋକଦ୍ଦମା କଥା ତ ନକହିଲେ ଭଲ । ଆଜିର ଦିନରେ ଆମ ଦେଶରେ ମୋଟ ବିଚାରାଧୀନ ମାମଲା ସଂଖ୍ୟା ବିଶାଳ । ଗତ ଅଗଷ୍ଟ ମାସରେ ରାଜ୍ୟସଭାରେ କେନ୍ଦ୍ର ଆଇନ ମନ୍ତ୍ରୀ କିରଣ ରିଜ୍ଜୁ ଦେଇଥିବା ତଥ୍ୟ ଅନୁଯାୟୀ କେବଳ ସୁପ୍ରିମକୋର୍ଟରେ ଗତ ଅଗଷ୍ଟ ୨ତାରିଖ ସୁଦ୍ଧା ୭୧,୪୪୧ଟି ମାମଲା ବିଚାରାଧୀନ ରହିଥିଲା । ସେଥିମଧ୍ୟରୁ ୫୬,୩୬୫ଟି ଦେୱାନି ଓ ୧୫,୦୭୬ଟି ଫୌଜଦାରୀ । ସେହିଭଳି ଦେଶର ବିଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟମାନଙ୍କରେ ଗତ ଜୁଲାଇ ୨୯ ତାରିଖ ସୁଦ୍ଧା ମୋଟ ବିଚାରାଧୀନ ମାମଲା ସଂଖ୍ୟା ଥିଲା ୪୧୩୫୩୨୪୨ । ଏହି ପରିସଂଖ୍ୟାନକୁ ଦେଖିଲେ ଲାଗୁଛି ନ୍ୟାୟିକ ପ୍ରକ୍ରିୟା ସତେଯେପରି ଏକ ବିଷଚକ୍ର ଭିତରେ ଅବସ୍ଥିତ । ନିଜେ ପେଷି ହେଉଛି ଏବଂ ମୁଦେଇ ମୁଦାଲାଙ୍କ ଦୁର୍ଦ୍ଦଶା କହିଲେ ନସରେ ।

ଭାରତର ପ୍ରଧାନ ବିଚାରପତି ଗତ କଟକଠାରେ ଓଡ଼ିଶା ହାଇକୋର୍ଟର ୭୫ତମ ବାର୍ଷିକ ଉତ୍ସବ ଦିନ ରାଜ୍ୟର ୩୪ଟି କାଗଜବିହୀନ ସମ୍ପୂର୍ଣ୍ଣ କମ୍ପ୍ୟୁଟରୀକୃତ ଅଦାଲତର ଉଦ୍‌ଘାଟନ କରି ସାରା ଦେଶରେ ଓଡ଼ିଶା ଏ ଦିଗରେ ସର୍ବପ୍ରଥମ ପଦକ୍ଷେପ ନେଇଛି ବୋଲି ଘୋଷଣା କରିଛନ୍ତି । ସେ ଏହାର ଶ୍ରେୟ ଦେଇଛନ୍ତି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ଅନ୍ୟ ବିଚାରପତି ତଥା ବିଭିନ୍ନ ଅଦାଲତର ବିଚାରକ ଓ ଅଧିକାରୀଗଣଙ୍କୁ । ଏଭଳି କାଗଜବିହୀନ କୋର୍ଟମାନଙ୍କରେ ନ୍ୟାୟିକ ପ୍ରକ୍ରିୟା ଶୀଘ୍ର ଓ ସମୟାନୁବର୍ତ୍ତୀ ହେବ ବୋଲି ଆଶା କରିବା ସ୍ୱାଭାବିକ । ଜଣେ ସାଧାରଣ ବ୍ୟକ୍ତି ଇଣ୍ଟରନେଟ ମାଧ୍ୟମରେ ରାଜ୍ୟର ଯେକୌଣସି ସ୍ଥାନରୁ ମାମଲା ଦାଖଲ କରିପାରିବ, ବିଚାରାଳୟ ଆଦେଶଗୁଡ଼ିକ ଦେଖିପାରିବ ଏବଂ ନ୍ୟାୟ ପ୍ରକ୍ରିୟାର ବିଭିନ୍ନ ସ୍ତରରେ ଯୋଗ ଦେଇପାରିବ । ନଥିପତ୍ରଗୁଡ଼ିକୁ ଦୂରସ୍ଥାନରୁ ବୋହି ଆଣି କୋର୍ଟ ସ୍ଥାନରେ ଜମା କରିବାକୁ ପଡ଼ିବ ନାହିଁ । ଗାଁଗହଳିରେ ରହୁଥିବା ଲୋକଙ୍କ ପାଇଁ ଏହା ନିଶ୍ଚୟ ଏକ ସୁଖବର ।

କରୋନା ମହାମାରୀର ଭୀଷଣ ଲହର ସମୟରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ କିଭଳି ଭିଡ଼ିଓ ସମ୍ମିଳନୀ ମାଧ୍ୟମରେ ମୋକଦ୍ଦମା ପରିଚାଳନା କରୁଥିଲେ ତାହା ଆମେ ନିକଟରେ ଦେଖିଛେ । ତେଣୁ ଲୋକଙ୍କର ବିଶ୍ୱାସ ହେଉଛି ଯେ ଏହି ନୂତନ କାଗଜବିହୀନ ଅଦାଲତର ପରିଚାଳନା ନିଶ୍ଚୟ ସଫଳ ହେବ ।

କମ୍ପ୍ୟୁଟରର କାର୍ଯ୍ୟକ୍ଷମତା ଅପରିସୀମ । ପ୍ରଚୁର ସଂଖ୍ୟାର ମାମଲା କାଗଜପତ୍ର ଏହାର ରେକର୍ଡ଼ରେ ରଖାଯାଇପାରିବ ଓ ଅତିସହଜରେ ତାକୁ ଖୋଜି ଆଣି ଆବଶ୍ୟକୀୟ ଆଦେଶ ଦିଆଯାଇପାରିବ । ଏଭଳି ଆଦେଶ ତତ୍କାଳ ବହୁ ଦୂରରେ ଥିବା ପକ୍ଷଭୁକ୍ତ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀମାନଙ୍କୁ ମିଳିପାରିବ । ତେବେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଆଶଙ୍କାମୁକ୍ତ ନୁହେଁ । ମୂଳକଥା ହେଲା, ସବୁ ଜାଗାରେ କମ୍ପ୍ୟୁଟର ଓ ଇଣ୍ଟରନେଟର ଉପଲବ୍ଧି ତଥା ନିର୍ଭରଯୋଗ୍ୟ ସଂଯୋଗ ସୁବିଧା ପ୍ରଦାନ । ବିନା ନିୟମିତ ବିଜୁଳି ଯୋଗାଣରେ ଏହା ସମ୍ଭବ ହେବନାହିଁ । ଏହାଛଡ଼ା ପ୍ରତି ବର୍ଷେ କିମ୍ବା ଦେଢ଼ ବର୍ଷରେ ନୂଆ ନୂଆ କମ୍ପ୍ୟୁଟର ଉପକରଣର ପ୍ରଚଳନ ଏବଂ ପ୍ରତି ଦୁଇରୁ ତିନିବର୍ଷ ମଧ୍ୟରେ ନୂତନ କମ୍ପ୍ୟୁଟର ସଫ୍ଟୱେରର ପ୍ରଚଳନ ଏହି କମ୍ପ୍ୟୁଟରୀକୃତ ନ୍ୟାୟ ବ୍ୟବସ୍ଥାକୁ ଅଚଳ କରିଦେଇପାରେ । ଗାଁଗହଳିରେ, ଛୋଟ ସହରରେ ଗୁରୁତ୍ୱପୂର୍ଣ୍ଣ ଦଲିଲ, କାଗଜ ଓ ପ୍ରମାଣପତ୍ର ଆଦିର ସ୍କାନିଂ ସୁବିଧା ବ୍ୟାପକ ଭାବେ ଉପଲବ୍ଧ ହେବା ଅନିଶ୍ଚିତ । ସେହିପରି ପ୍ରଯୁକ୍ତି ବିଦ୍ୟା ଯେତେ ଉନ୍ନତ, ତାହାର ଫର୍ମୁଲାକୁ ଭଙ୍ଗ କରି ଆବଶ୍ୟକୀୟ ତଥ୍ୟ ଓ ସୂଚନା ଚୋରି କରି ନେବା କିମ୍ବା ତାକୁ ରେକର୍ଡ଼ରୁ ଉଡେଇ ଦେବା ମଧ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ସବୁବେଳେ ରହିବ । ବିଶେଷକରି ତଳକୋର୍ଟମାନଙ୍କରେ ଦୁର୍ନୀତିର ବ୍ୟାପକ ପ୍ରଚଳନ ପୃଷ୍ଠଭୂମିରେ ଏଭଳି ସାଇବର ଅପରାଧ ଘଟିବାର ଆଶଙ୍କା ବରାବର ରହିବ । ତେଣୁ ଗୋଟିଏ ପଟେ ଅଦାଲତର ଆଶୁ ବିଚାର ପ୍ରଣାଳୀ ଓ ସୁବିଧା ଏବଂ ଅନ୍ୟପଟେ ଦୁର୍ନୀତିଗ୍ରସ୍ତ କର୍ମଚାରୀ, ଉପଯୁକ୍ତ ସମୟରେ କମ୍ପ୍ୟୁଟର ନବୀକରଣର ଆବଶ୍ୟକତା ନ୍ୟାୟିକ ପ୍ରକ୍ରିୟାରେ ନୂତନ ସଙ୍କଟ ଆଣିପାରେ । ଯାହା ହେଉ ନା କାହିଁକି, ଓଡ଼ିଶାରେ ସମ୍ପୂର୍ଣ୍ଣ କାଗଜବିହୀନ ଅଦାଲତ ଶୁଭାରମ୍ଭ ନିଶ୍ଚୟ ସ୍ୱାଗତଯୋଗ୍ୟ । ଓଡ଼ିଶା ହାଇକୋର୍ଟର ସମସ୍ତ ବିଚାରପତିଗଣ ଏବଂ ବିଭିନ୍ନ ଜିଲ୍ଲା ଅଦାଲତର ଜଜ୍ ଓ କର୍ମଚାରୀଗଣ ସାଧୁବାଦର ଅଧିକାରୀ ।

**—ସୌରଚନ୍ଦ୍ର ମହାପାତ୍ର**
*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, 'ସତ୍ୟାଳୟ', ପ୍ଲଟ ନଂ-୧୦୮୭/ଡି, ସେକ୍ଟର-୬, କଟକ, ଇମେଲ :*
**soura999mohapatra@gmail.com**

# ଝୁମ୍ପୁରା ପଞ୍ଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ, ସମସ୍ୟା ସମାଧାନ ପାଇଁ ସମନ୍ୱୟ ରକ୍ଷାକୁ ଗୁରୁତ୍ୱ

କେନ୍ଦୁଝର (ପିଏନ୍): ଝୁମ୍ପୁରା ପଂଚାୟତ ସମିତିର ଚତୁର୍ଥ ସାଧାରଣ ବୈଠକ ପଂଚାୟତ ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପଂଚାୟତ ସମିତି ଅଧକ୍ଷା ମାଳତୀ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଅଧକ୍ଷ ତଥା ପାଟଣା ବିଧାୟକ ଜଗନ୍ନାଥ ନାଏକ,ସଦର ବିଧାୟକ ମୋହନ ଚରଣ ମାଝୀ, ଝୁମ୍ପୁରା ବିଡିଓ ଉମାକା' ପରିଡା, ପଂଚାୟତ ସମିତି ଉପାଧକ୍ଷ ମାନସ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ପଂଚାୟତ ସମିତି ଅଧିନ ୨୨ ଗୋଟି ପଂଚାୟତର ବିଭିନ୍ନ ଉନ୍ନୟନ ଯୋଜନା ବିଷୟରେ ଆଲୋଚନା ହୋଇଥିଲା । ବିଡିଓ ଉମାକାନ୍ତ ପରିଡା ବୈଠକ ସଞ୍ଚାଳନ କରି ଶିକ୍ଷା, ପାନୀୟ ଜଳ, ରାସ୍ତା, ସ୍ୱାସ୍ଥ୍ୟ, ଶିଶୁ ବିକାଶ, ସାମାଜିକ ସୁରକ୍ଷା, ସମାଜ ମଙ୍ଗଳ, କୃଷି, ବିଦ୍ୟୁତ୍ ଆଦି ବିଭାଗର ବିଭାଗୀୟ ଅଧିକାରୀଙ୍କୁ ବିବରଣୀ ପ୍ରଦାନ ପାଇଁ ଆହ୍ୱାନ କରିଥିଲେ । ଏହାପରେ ସଂପୃକ୍ତ ବିଭାଗର ଅଧିକାରୀମାନେ ନିଜ ନିଜ ବିଭାଗର କାର୍ଯ୍ୟ ବିବରଣୀ ସମ୍ବନ୍ଧରେ ଆଲୋଚନା କରିଥିଲେ । ବ୍ଲକ ଅଧିନରେ ଥିବା ୨୨ଟି ପଂଚାୟତର ସରପଂଚ, ସମିତିସଭ୍ୟ/ସଭ୍ୟାଙ୍କ ସମେତ ୧୬, ୧୭ ଏବଂ ୧୮ ନମ୍ବର ଜୋନ୍‌ର ଜିଲ୍ଲାପରିଷଦ ସଦସ୍ୟ/ସଦସ୍ୟା ଯୋଗ ଦେଇ ନିଜ ନିଜ ଅଂଚଳର ସମସ୍ୟା ଉତ୍‌ଥାପନ କରିଥିଲେ । ଶିକ୍ଷା ବିଭାଗ ସମ୍ବନ୍ଧୀୟ ଆଲୋଚନା ସମୟରେ ଶିକ୍ଷକମାନେ ମଦ୍ୟପାନ କରି ସ୍କୁଲ ଆସିବା ଘଟଣାକୁ ନେଇ ନହବେଡା ସରପଂଚ ଅସନ୍ତୋଷ ପ୍ରକାଶ କରିଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ । ଏହାଛଡା ଜଣେ ଶିକ୍ଷକରେ ଚାଲୁଥିବା ବିଦ୍ୟାଳୟଗୁଡିକରେ ଶିକ୍ଷକ ପଦବୀ ପୂରଣ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବା ପାଇଁ ଉପସ୍ଥିତ ସଦସ୍ୟଗଣ ମତ ରଖିଥିଲେ । ପାନୀୟ ଜଳ ଯୋଗାଣ ବିଭାଗ ଆଲୋଚନା ବେଳେ ମେଗା ପ୍ରକଳ୍ପ ପକ୍ଷରୁ ସଠିକ୍ ତଥ୍ୟ ପ୍ରଦାନ କରାନିଯିବା ଘଟଣାକୁ ନେଇ ଅସଂ'ୋଷ ପ୍ରକାଶ ପାଇଥିଲା । ମେଗା ପାନୀୟ ଜଳ ପ୍ରକଳ୍ପ ପକ୍ଷରୁ ବ୍ଲକର ଅନେକ ପଂଚାୟତରେ ଘରକୁ ଘର ପାନୀୟଜଳ ଯୋଗାଣ ଆରମ୍ଭ ହୋଇଥଇବା ତଥ୍ୟ ଉପସ୍ଥାପନ ହୋଇଥିବା ବେଳେ ବାସ୍ତବରେ ଏହା କାର୍ଯ୍ୟକାରୀ ହୋଇନଥିବା ଅନେକ ପଂଚାୟତର ସରପଂଚ, ସମିତିସଭ୍ୟ/ସଭ୍ୟା ପ୍ରଶ୍ନ ଉଠାଇ ଥିଲେ । ଏ ଦିଗରେ ଯତ୍ନବାନ ହୋଇ ଶୀଘ୍ର ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାପାଇଁ ବୈଠକରେ ଉପସ୍ଥିତ ସଦର ବିଧାୟକ ମୋହନ ଚରଣ ମାଝୀ ଏବଂ ପାଟଣା ବିଧାୟକ ଜଗନ୍ନାଥ ନାଏକ ମେଗା ପ୍ରକଳ୍ପ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବିଦ୍ୟୁକ୍ କାଟ୍‌କୁ ନେଇ ଅନେକ ଲୋକପ୍ରତିନିଧି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ । ହାତୀଙ୍କ ଉପସ୍ଥିତି ଦର୍ଶାଇ ମଳଦା ଅଂଚଳରେ ଦିନକୁ ୧୨ ଘଣ୍ଟାରୁ ଅଧିକ ବିଦ୍ୟୁତ୍ କାଟ କରାଯାଉଥିବାରୁ ଏହାକୁ ନେଇ ମଳଦା ପଂଚାୟତ ସମିତିସଭ୍ୟା ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ । ହାତୀଙ୍କ ସଠିକ୍ ଉପସ୍ଥିତି ଅନୁଧ୍ୟାନ କରି ଉକ୍ତ ଅଂଚଳରେ ବିଦ୍ୟୁତ୍ କାଟ କରିବା ସହ ଅନ୍ୟ ଅଂଚଳର ବିଦ୍ୟୁତ୍ ସ୍ୱାଭାବିକ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା । ବୈଠକରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ଲୋକଙ୍କ ସମସ୍ୟା ପାଇଁ ଯଥା ସମ୍ଭବ ପ୍ରୟାସ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ସହିତ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ଜନସାଧାରଣଙ୍କ ସମସ୍ୟା ସମାଧାନ ଦିଗରେ ଯତ୍ନବାନ ହେବାପାଇଁ ବିଡିଓ ଶ୍ରୀ ପରିଡା ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କୁ ଆହ୍ୱାନ କରିଥିଲେ ।

# ପୁଲିସ ଛାଉଣୀ ମଧ୍ୟରେ ଗ୍ରାମସଭା ଏକ ଅଗଣତାନ୍ତ୍ରିକ ପ୍ରକ୍ରିୟା

କେନ୍ଦୁଝର (ପିଏନ୍): ଗ୍ରାମବାସୀଙ୍କ ସ୍ୱରକୁ ଚପାଇଦେବା ଉଦ୍ଦେଶ୍ୟରେ ପୁଲିସ ଛାଉଣୀ ମଧ୍ୟରେ ଗ୍ରାମସଭା ଅନୁଷ୍ଠିତ କରିବା, ଗ୍ରାମସଭାର ଦିନକ ପୂର୍ବରୁ ଗ୍ରାମର ପୁରୁଖା ଲୋକମାନଙ୍କୁ ରାତି ଅଧିଆ ପୁଲିସ ଉଠାଇନେବା ଏବଂ ପରବର୍ତ୍ତି ସମୟରେ ସେମାନଙ୍କୁ ସର୍ତ୍ତ ମୂଳକ ଭାବେ ଛାଡିଦେବା ଏହା ଏକ ଅଗଣତାନ୍ତ୍ରିକ ପ୍ରକ୍ରିୟା ବୋଲି ନମ୍ବିରା ଗ୍ରାମବାସୀମାନେ ଅଭିଯୋଗ କରିଛଂି । ସୂଚନାରୁ ଜଣାପଡିଛି ଯେ, କେନ୍ଦୁଝର ଜିଲାସ୍ଥିତ ଯୋଡା ବ୍ଲକ ଅ'ର୍ଗତ ପଳସା ଗ୍ରାମପଞ୍ଚାୟତର ନମ୍ବିରା ମୌଜାରେ ମେସର୍ସ ଟାଟା ଷ୍ଟିଲ ଲିଃ ଦ୍ୱାରା ପରିଚାଳିତ ବାମେବାରି ଆଇରନ ଓ ମାଙ୍ଗାନିଜ ମାଇନ୍ସର ୨୦.୩୮ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରିବା ପାଇଁ ଅନୁମୋଦନ ନିମନ୍ତେ ନମ୍ବିରାସ୍ଥିତ ମୁଣ୍ଡା ସାହି ପଡିଆରେ ଏକ ଗ୍ରାମସଭାର ଆୟୋଜନ କରାଯାଇଥିଲା । ଏହି ଗ୍ରାମସଭାଟିରେ ଗ୍ରାମବାସୀଙ୍କ ପ୍ରବଳ ବିରୋଧର ପୂର୍ବାଭାଷ ପାଇ ବ୍ୟାପକ ପୁଲିସ ବଳ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଭୟଭିତ କରିବା ପାଇଁ ଜିଲା ପ୍ରଶାସନ ପୁଲିସ ବଳ ପ୍ରୟୋଗ କରି ଗ୍ରାମର ମୁଖିଆମାନଙ୍କୁ ରାତି ଅଧିଆ ଉଠାଇନେବା ଏବଂ କିଛି ମୁଷ୍ଟିମେୟ ଲୋକଙ୍କୁ ଆପ୍ୟାୟିତ କରି ନିଜ ସପକ୍ଷରେ ଗ୍ରାମସଭା ଅନୁଷ୍ଠିତ କରାଇବା ଗଣତନ୍ତ୍ରର ପରିପନ୍ଥି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛଂି । ଏହି ୨୦.୩୮ ହେକ୍ଟର ପରିମିତ ଘଞ୍ଚ ଜଙ୍ଗଲଟି ଜଙ୍ଗଲି ପଶୁପକ୍ଷୀଙ୍କର ବାସସ୍ଥାନ ଭାବେ ଦୀର୍ଘ ଦିନରୁ ରହିଆସିଛି । ଏଠାରେ ହାତୀ, ବାରହା, କୁଟୁରା, ମୟୁର, ଅଜଗର ଭଳି ଜୀବଜନ୍ତୁ ବାସ କରିଥା'ନ୍ତି । ଏହି ଜଙ୍ଗଲରେ ଟାଟା କମ୍ପାନୀ ଖଣି ଉତ୍ତୋଳନ କାର୍ଯ୍ୟ କଲେ ପଶୁପକ୍ଷୀମାନେ ବାସଚ୍ୟୁତ ହେବା ଏକପ୍ରକାର ନିଶ୍ଚିତ ହୋଇପଡିଛି । ଏପରିସ୍ଥଳେ ଏହି ଖଣିକୁ ସ୍ଥାନୀୟ ଲୋକେ ତୀବ୍ର ବିରୋଧ କରୁଥିବା ବେଳେ ବଳପ୍ରୟୋଗ ପୂର୍ବକ ଏହି ଗ୍ରାମସଭାକୁ ସଫଳ କରିବା ପାଇଁ କମ୍ପାନୀ ପ୍ରଶାସନକୁ ହାତ କରି ପ୍ରୟାସ ଜାରି ରଖିଛି । ଏହି ଗ୍ରାମସଭାଟିରେ ଜନସାଧାରଣଙ୍କର ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବା ବେଳେ ଜଙ୍ଗଲ ଉପରେ ନିର୍ଭରଶୀଳ କେତେକ ଜନଜାତି ସେମାନଙ୍କର ଜୀବିକା ହରାଇବେ ବୋଲି ଜଣାପଡିଛି । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ପରିବାର ପ୍ରତିପୋଷଣ କରୁଥିବା ଏହି ଜନଜାତି ଏବେ ପ୍ରଶାସନ ଜୁଲମରେ ନିଃସହାୟ ହୋଇପଡିଛନ୍ତି । ତେଣୁ ପ୍ରଶାସନ ଏଥିପାଇଁ ପୁନର୍ବିଚାର କରୁ ବୋଲି ସ୍ଥାନୀୟ ଗ୍ରାମବାସୀମାନେ ଦାବି କରିଛନ୍ତି ।

# ଅହିଂସାର ମୂର୍ତ୍ତିମନ୍ତ ବିଗ୍ରହ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ପାଳିତ

ଖୋର୍ଦ୍ଧା (ପିଏନ୍): ସତ୍ୟ, ଅଂହିସା ଓ ମାନବବାଦର ମୂର୍ତ୍ତିମନ୍ତ ବିଗ୍ରହ ମହାତ୍ମା ଗାନ୍ଧୀ ଓ ଶାନ୍ତିଦୂତ ଲାଲ ବାହାଦୂର ଶାସ୍ତ୍ରୀଙ୍କର ଜନ୍ମ ଜୟନ୍ତୀ ସ୍ଥାନୀୟ ମାର୍ଗଦର୍ଶୀ କାର୍ଯ୍ୟାଳୟରେ "ମାର୍ଗଦର୍ଶୀ' ଅନୁଷ୍ଠାନ ଓ ବିବେକାନନ୍ଦ ଯୁବ ଅନୁଷ୍ଠାନ ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦଙ୍କ ଆବାହକତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ରେଜିଷ୍ଟ୍ରାର ଐତିହାସିକ ପ୍ରଫେସର ଡ. ନାରାୟଣ ରାଓ ଯୋଗଦେଇ କହିଲେ ସତ୍ୟ, ଧର୍ମ, ନ୍ୟାୟ, ଅଂହିସା ଓ ମାନବବାଦର ସଂଗମ ଯେଉଁ କିମ୍ବଦନ୍ତୀ ଜନନାୟକଙ୍କ ଜୀବନର ପାଥେୟ ଥିଲା ସେ ଥିଲେ ପୂଣ୍ୟଭୂମି ଭାରତ ବର୍ଷର ଯୋଗ୍ୟତମ ସନ୍ତାନ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଶାନ୍ତିଦୁତ ଲାଲବାହାଦୂର ଶାସ୍ତ୍ରୀ । ଯିଏ ଯାହା କହୁ ପଛେ ସେମାନଙ୍କର ଦେଶପ୍ରୀତି ତଥା ମାନବବାଦର କାର୍ଯ୍ୟଧାରା ତାଙ୍କୁ ଯଶୋଦେହେ ଆୟୁଷ୍ମାନ କରି ରଖିଥିବ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାର ସିଂହ ଗାନ୍ଧୀଙ୍କ ଓଡିଶା ଗସ୍ତ ବିଷୟରେ ଆଲୋକପାତ କରିବା ସହ ତାଙ୍କ ଜୀବନର ଅନେକ ମହତ କଥାକୁ ଦର୍ଶାଇଥିଲେ । ବିବେକାନନ୍ଦ କ୍ଲବର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ନିଜ ବକ୍ତବ୍ୟରେ କହିଥିଲେ ପ୍ରଥମେ ନିଜକୁ ସଠିକ ଭାବରେ ଗଢିପାରିଲେ ସମାଜ ହସିଉଠିବ ଯାହା ମହାତ୍ମାଗାନ୍ଧୀ ତାଙ୍କ ପ୍ରତିଟି ଉପଦେଶରେ କହୁଥିଲେ । ମାର୍ଗଦର୍ଶୀର ସମ୍ପାଦକ ଉମାଶଙ୍କର ପ୍ରସାଦ କହିଥିଲେ ଗାନ୍ଧୀଜୀ ଥିଲେ ପ୍ରଗାଢ ଈଶ୍ୱରବିଶ୍ୱାସୀ । ସେ ନିଜର ସତ୍ୟ, ଈଶ୍ୱରବିଶ୍ୱାସ ଓ ଅଂହିସାକୁ ପାଥେୟ କରି ଦୁର୍ଦ୍ଧର୍ଷ ଇଂରେଜମାନଙ୍କ କବଳରୁ ଭାରତମାତାକୁ ବେଡିମୁକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ପ୍ରଭାତ ମିଶ୍ର, ସମାଜର ଜିଲ୍ଲା ପ୍ରତନିଧି ଜୟନ୍ତ ରାୟ, ସାମ୍ବାଦିକ ପ୍ରଦୀପ ବେହେରା, ଗୋପାଳକୃଷ୍ଣ ଦାଶ ଓ ଲାଲା କାଶୀନାଥ ରାୟ ପ୍ରମୁଖ ଯୋଗଦେଇ ଗାନ୍ଧୀ ଓ ଶାସ୍ତ୍ରୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ଡକ୍ଟର ରାଓ ପ୍ରଦୀପ ପ୍ରଜ୍ଜ୍ୱଳନ କରିବା ସହ ପୁଷ୍ପମାଲ୍ୟ ଦେଇ ନିଜର ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଶେଷରେ ପ୍ରଦୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

ଖୋର୍ଦ୍ଧା (ପିଏନ) -ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ବେଗୁନିଆ ବ୍ଲକର ବାଘମାରୀ ବଜାରଠାରୁ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ କରାଯାଇଥିଲା । ଏଥିରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ରାଜ୍ୟ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା, ଶୁଭକାନ୍ତ ମହାପାତ୍ର,୨୪ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟଶାଣୀ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅର୍ଜୁନ ପ୍ରଧାନ,ବାଘମାରୀ ସରପଂଚ ମାନସରଂଜନ ବିଶ୍ୱାଳ,ସାରୁଅ ସରପଂଚ ରଶ୍ମିତା ମହାଭୋଇଙ୍କ ସମେତ ଦୁଇ ଶହରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀମାନେ ଯୋଗ ଦେଇ ବିଜେଡି ସରକାରର ଗୁଣଗାନ କରିଥିଲେ । ସେହିପରି ସିମୋର ପଂଚାୟତ କାର୍ଯ୍ୟାଳୟ ପରିସରରୁ ବିଜେଡିର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଜନସମ୍ପର୍କ ପଦଯାତ୍ରାରେ ବାହାରି ଗଁପୁର ଗାନ୍ଧୀ ପାର୍କସ୍ଥିତ ବାପୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ସେଠାରେ ଏ ନେଇ ପଥପ୍ରାନ୍ତ ସଭାରେ ଭାରତ ପ୍ରତି ମହାତ୍ମାଗାନ୍ଧୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରିବା ସହିତ ବିଜେଡି ସରକାରଙ୍କ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର, ସିମୋର ସରପଂଚ ହାଡିବନ୍ଧୁ ମହାପାତ୍ର, ସମିତି ସଭ୍ୟ ନଳିନୀ ପଣ୍ଡା, ବାଘମାରୀ ସମିତି ସଭ୍ୟ ନବନିତା ମହାନ୍ତି, ବଡବେରଣା ସରପଂଚ ଅସିତ କୁମାର ତ୍ରିପାଠୀ,ହିରାପୁର ସରପଂଚ ଆରତ ମାଝୀ,ସମିତି ସଭ୍ୟ ଭରତ ଚନ୍ଦ୍ର ଛୋଟରାୟ,ପୂର୍ବତନ ସରପଂଚ ବିଜୟ ପ୍ରଧାନ, ସୁଦର୍ଶନ ବେହେରା,ପୂର୍ବତନ ସମିତି ସଭ୍ୟ ଶିଶିର କୁମାର ଆଚାର୍ଯ୍ୟ,ବଂଶୀଧର ସାହୁ,ଚକ୍ରଧର ପାଇକରାୟ,ମଧୁ ସୂଦନ ସୁବୁଦ୍ଧିଙ୍କ ସମେତ ପାଂଚଶହରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀମାନେ ଯୋଗ ଦେଇ ବିଜେଡି ସରକାରଙ୍କର ଆଭିମୁଖ୍ୟ ସମ୍ପର୍କରେ ଜନକଲ୍ୟାଣକାରୀ ଯୋଜନାର ଜୟଗାନ କରିଥିଲେ ।

# ପାର୍ବଣ ଋତୁ: କାହା ପାଇଁ କେମିତି ?

ପାର୍ବଣ ଋତୁ ଆସିଲେ ରାଜ୍ୟ, ଦେଶ ବ୍ୟକ୍ତି,ପରିବାର, ବ୍ୟବସାୟୀ ସଂସ୍ଥା, ନିଜର ବର୍ଷତମାମ ରୋଜଗାରରୁ କିଛି ଏବଂ ସରକାରଙ୍କର କିଛି ପୂଜା ଭେଟିକୁ ଖାନାପିନା, ଲୁଗାପଟା, ଘରକରଣା ମନାଇଥାନ୍ତି । ସେହି ଖର୍ଚ୍ଚର କିଛି ହିସାବ ମାନଙ୍କର ବର୍ଷ ତମାମ ରୋଜଗାରର ଗୋଦାମ ମାଲିକମାନେ ନିଜ ନିଜର ହେବାସହ ନିଜ ନିଜ ପରିବାରଙ୍କୁ ନେଇ ପ୍ରତ୍ୟେକ ବର୍ଗ, ଧର୍ମ, ଜାତିର ଜନତା କାମ ପାଇଁ କହିଲେ ଗୋଟିଏ କଥା



ଚଳଚଂଚଳ ହୋଇଉଠେ । ସମସ୍ତ ସରକାରୀ, ବେସରକାରୀ କର୍ମଚାରୀ ପାର୍ବଣ ଋତୁ ପାଇଁ ସଂଚୟ କରିଥାନ୍ତି । ଅପେକ୍ଷା କରିଥାନ୍ତି । ଭଲ ମନ୍ଦ, ଜିନିଷ ଇତ୍ୟାଦିରେ ଖର୍ଚ୍ଚ କରି ଖୁସି ନଥାଏ । ଏହି ସମୟରେ ଦୋକାନୀ ସମସ୍ତ କ୍ଷତିପୂରଣ ହୋଇଯାଇଥାଏ । ଗୋଦାମ ଖାଲି କରି ମାଲେମାଲ ଆନନ୍ଦଉଲ୍ଲାସରେ ଖୁସି ମନାଇଥାନ୍ତି । ଏତେ ଖୁସି ଥା'ନ୍ତି ଯେ, ଯାହାକୁ ଯାହା ଶୁଣିବାକୁ ମିଳିଥାଏ ଆଜ୍ଞା ଟିକେ ରହିଯାନ୍ତୁ ଏ ପୂଜା ଛୁଟିଟା ସରିଯାଉ ଇତ୍ୟାଦି ଇତ୍ୟାଦି । ପ୍ରତ୍ୟେକ ବ୍ୟକ୍ତି ବା ପରିବାର ସଦସ୍ୟମାନେ ବର୍ଷ ସାରା ଯାହା କରିପାରିନଥାନ୍ତି, ଏହି ପାର୍ବଣ ଋତୁରେ ତାହା କରିବାକୁ ଚେଷ୍ଟା କରିଥାନ୍ତି । ବହୁଦିନରୁ ପଡିରହିଥିବା କାମକୁ ତଥା ନୂତନ କାର୍ଯ୍ୟକୁ କରିବା ପାଇଁ ସତେ ଯେପରି ଏହି ପାର୍ବଣକୁ ଅନାଇ ରହିଥାନ୍ତି । ମାତ୍ର ଗୋଟିଏ ଗୋଷ୍ଠୀ ଯାହା ହେଉଛି ଅବସରପ୍ରାପ୍ତ ଭବିଷ୍ୟନିଧି ପରିବାର ତାଙ୍କ ପାଇଁ ପାର୍ବଣ ଆସିଲେ କେତେ ନଆସିଲେ କେତେ ? ଅବସର ଭତା ହଜାରେ ସେଥିରେ ମଉଜ କର ମଜଲିସ କର ! କିଛି ମନାନାହିଁ, ବଡ ଆଶ୍ଚର୍ଯ୍ୟର କଥା ଆମ ମାନ୍ୟବର ପ୍ରଧାନମନ୍ତ୍ରୀ ସମସ୍ତଙ୍କ ଭତା ବର୍ଦ୍ଧିତ କରୁଥିବା ବେଳେ ଏ ହତଭାଗା ଅବସରପ୍ରାପ୍ତ ଭବିଷ୍ୟନିଧି କର୍ମଚାରୀଙ୍କ କଥା କିପରି ପାଶୋରି ଦେଇଛନ୍ତି । ସେମାନେ ତଥା ସେମାନଙ୍କ ପରିବାର ପାଇଁ କ'ଣ ପାର୍ବଣଋତୁ ମୂଲ୍ୟହୀନ ?

ଇଏତ ଗଲା ଘର କଥା । ଏପରି ଆଉ ଏକ ପାର୍ବଣ ଋତୁ ଅଛି । ମାତ୍ର ଏହାକୁ ପାର୍ବଣ ଆଖ୍ୟା ଦିଆଯାଇନାହିଁ, କିନ୍ତୁ ପାର୍ବଣ ଠାରୁ ଢେର ଗୁଣରେ ଅଧିକ । ଏହି ପର୍ବକୁ ମଧ ଅନେକ ବ୍ୟକ୍ତି, ଦଳ, ବ୍ୟବସାୟୀ ଅନାଇ ବସିଥାନ୍ତି । ଏହାକୁ ନିର୍ବାଚନୀ ପାର୍ବଣ ଋତୁ କୁହାଯାଏ । ଯାହା ବର୍ତ୍ତମାନ ଚଳିତ ବର୍ଷ ଗୁଜୁରାଟରେ ହୋଇପାରେ ବୋଲି ଆଶା ପ୍ରକାଶ ପାଇଛି । ଗତ ବିଧାନସଭା ନିର୍ବାଚନରେ ଯଦିଓ ଭାଜପା ଏକକ ସଂଖ୍ୟାଗରିଷ୍ଠତା ହାସଲ କରି କ୍ଷମତା ଦଖଲ କରିଥିଲା ମାତ୍ର ଏବେ ସେ ସ୍ଥିତି ଆଉ ନାହିଁ । ସେତେବେଳେ ବିଜେପି ସୁଦୃଢ ଥାଇ ଯଦି ଭୋଟ ପ୍ରତିଶତକୁ ଅନୁଧ୍ୟାନ କରାଯାଏ ତେବେ ଭାଜପା ୪୭ ପ୍ରତିଶତ ଭୋଟ ଅକ୍ତିଆର କରିଥିଲା ବେଳେ କଂଗ୍ରେସ ୪୧ ପ୍ରତିଶତ ଭୋଟ ଅକ୍ତିଆର କରିଥିଲା । ଏହି ନିର୍ବାଚନ ପାର୍ବଣ ଋତୁରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିକଟରେ ଗୁଜୁରାଟ ଗସ୍ତରେ ଯାଇ ବିଭିନ୍ନ ପ୍ରତିଶ୍ରୁତିରେ ପୋତି ପକାଇଛନ୍ତି । ଅନୁରୁପ ଭାବେ ଆମ୍ ଆଦମୀ ଦଳର ମୁଖିଆ ଅରବିନ୍ଦ କେଜ୍ରିୱାଲ ମଧ ବିଭିନ୍ନ ପ୍ରତିଶୃତି ଦେଇଛନ୍ତି । ତେଣୁ ୨୦୨୪ ପାର୍ବଣ ଋତୁକୁ ସହଜରେ ଅତିକ୍ରମ କରିବା ସେତେଟା ବିଜେପି ପକ୍ଷରେ ସହଜ ହୋଇନପାରେ । ଏହି ପାର୍ବଣ ଋତୁ କିନ୍ତୁ ନଡ୍ଡାଙ୍କ ପାଇଁ ଶୁଭଙ୍କରୀ । ତାଙ୍କର କାର୍ଯ୍ୟକାଳକୁ ଏହି ନିର୍ବାଚନ ଋତୁର ବୈତରଣୀ ପାରହେବା ପାଇଁ ୨୦୨୪ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯିବ ବୋଲି ପ୍ରକାଶ ପାଇଛି । ଏହି ନିର୍ବାଚନ ପାର୍ବଣ ଋତୁରେ ମଜା, ମଜଲିସ୍ ଏକ ନିଆରା ଢଙ୍ଗରେ ପାଳନ କରାଯାଇଥାଏ । ଏହି ଋତୁରେ ବ୍ୟକ୍ତି ବା ଦଳ ଯେଉଁ ଧନ ଖର୍ଚ୍ଚ କରିଥାନ୍ତି ତାହା ତାଙ୍କର ଝାଳବୁହା ଧନ ନଥାଏ । କଳା ବ୍ୟବସାୟରେ ଅର୍ଜିତ ଧନ ଏହି ଋତୁରେ ଗାଡି, ମୋଟର, ବ୍ୟାନର, ପୋଷ୍ଟର, ମଦ , ମାଉଁସ, ବାଜା ତଥା ଲାଇଟ ଏବଂ ବିଭିନ୍ନ ବଂଟନ ପ୍ରକ୍ରିୟାରେ ଖର୍ଚ୍ଚ ହୋଇଥାଏ । ସୁରାପାନ ଓ ସଭା ସମିତିରେ ଲୋକ ସଂଗ୍ରହ କରି ନବା ଆଣିବରେ କାହାକୁ ଫୁରୁସତ ନଥାଏ । ସରକାରୀ ବାବୁମାନେ କୌଣସି କାମ କରିବାକୁ ଏହି ପାର୍ବଣ ଋତୁରେ ଇଚ୍ଛାପ୍ରକାଶ କରନ୍ତିନି ଆଉ ଯଦି କରନ୍ତି ତେବେ ମୋଟା ଆକାରର ଉତ୍କୋଚ ନେଇ କରିଥାନ୍ତି । ମଦ ପାନକରି ବିଭିନ୍ନ ଦଳର ଯୁବନେତାମାନଙ୍କୁ ଧରିଥିବା ବା ବାଧା ଦେଉଥିବା ସରକାରୀ ବାବୁମାନଙ୍କୁ ଘରେ ରହି ଅଧା ଦରମା ସହିତ ଆରାମ ପ୍ରଦାନ କରଯାଇଥାଏ ।

ଏହାର ଏକ ତୁଳନାତ୍ମକ ଅଂଶବିଶେଷ ଏହାକି, ପାର୍ବଣ ଋତୁରେ ଜନତାଙ୍କର ଖୁସି ଓ ନିର୍ବାଚନ ପାର୍ବଣ ଋତୁରେ ରାଜନୈତିକ ସମ୍ବନ୍ଧୀୟ ଜନତାଙ୍କ ଖୁସିର ତାଳମେଳ ସମାନ ନୁହେଁ । ପାର୍ବଣ ଋତୁରେ ଯିଏ ଖର୍ଚ୍ଚକରେ ଓ ଯିଏ ରୋଜଗାର କରେ, ସେମାନଙ୍କ ଯୋଗୁ ରାଜ୍ୟ ବା ଦେଶର ଅର୍ଥନୀତି ସୁଦୃଢ ହୋଇଥାଏ । କିନ୍ତୁ ରାଜନୈତିକ ପାର୍ବଣ ଋତୁରେ ଅର୍ଥନୀତି ଦୋହଲି ଯାଇଥାଏ । ଅଜସ୍ର କଳାଧନର ବ୍ୟବହାର ଦ୍ୱାରା, ଏହି ଦୁଇମାସରେ ସରକାରୀ, ବେସରକାରୀ କଳର ସମସ୍ତ ଉନ୍ନତିମୂଳକ କାର୍ଯ୍ୟକ୍ରମ ଠପ୍ ହେବା ଦ୍ୱାରା ଅର୍ଥନୀତି, ନିମ୍ନଗାମୀ ହୋଇଥାଏ । ଏହି ବିଷୟରେ ସମସ୍ତଙ୍କର ଜ୍ଞାନ ଥିଲେ ମଧ ଭାରତର ସମ୍ବିଧାନରେ ଏହି ଗଣତନ୍ତ୍ରର ଆଦେଶ ନେଇ ଏହି ନିର୍ବାଚନ ପାର୍ବଣ ଋତୁକୁ ପାରକରି ଆମ ସରକାର ଗଢାହୋଇଥାଏ । ସମ୍ବିଧାନ ପ୍ରଣେତା ବାବାସାହେବ ଆମ୍ବେଦକର ସ୍ୱର୍ଗରେ ଥାଇ ତାଙ୍କର ହାତଗଢା ସମ୍ବିଧାନକୁ ଏ ଭ୍ରଷ୍ଟ ନେତାମାନେ ପୂଜା ଓ ପାର୍ବଣ ନାଁରେ ଏପରି କଳଙ୍କିତ କରିଦେଲେଣି ଯେ ସେ ଅନୁଶୋଚନା ଓ ଅନୁତପ୍ତରେ ଚାହିଁ ରହିଥିବେ ।

**-ଉମାଶଙ୍କର ପ୍ରସାଦ**, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ॥
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ॥
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ସେପ୍ଟେମ୍ବର ୧୯

# ଆଦି ଗଣେଶ ଓ ଦୁବ ଅର୍ପଣ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ହିନ୍ଦୁ ଧାର୍ମିକ ପରମ୍ପରାରେ ପଞ୍ଚଦେବତାଙ୍କ ମଧ୍ୟରେ ଶ୍ରୀଗଣେଶ ପ୍ରଥମ । ଏଣୁ ଯେ କୌଣସି ଦେବ-ଦେବୀଙ୍କ ପୂଜା ହେଉ ନା କାହିଁକି, ପ୍ରଥମେ ତାଙ୍କ ନାମ ନିଆଯାଏ । ପ୍ରଥମେ ତାଙ୍କ ପୂଜା ବିନା କୌଣସି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ କରାଯାଏ ନାହିଁ । ସେ ଅଗ୍ରପୂଜ୍ୟ । ସେ ସିଦ୍ଧିଦାତା; ସେ ବୁଦ୍ଧିଦାତା । ଦୁଷ୍ଟସଂହାର କରିବା ପାଇଁ ବିଭିନ୍ନ ଯୁଗରେ ଭଗବାନ ବିଷ୍ଣୁ ଯେପରି ଭିନ୍ନ ଭିନ୍ନ ଅବତାର ଧାରଣ କରିଥିଲେ 'ଗଣେଶ ପୁରାଣ'ରେ ମଧ୍ୟ ଗଣେଶଙ୍କର ସେଭଳି ନାନା ଅବତାର କଥା ବର୍ଣ୍ଣିତ । ତାଙ୍କର ପ୍ରଥମ ଅବତାର ହେଉଛି 'ମହୋତ୍କଟ ବିନାୟକ' । ସତ୍ୟ ଯୁଗରେ ଦେବମାତା ଅଦିତିଙ୍କ ଗର୍ଭରୁ ସେ ଏହି ରୂପରେ ଜନ୍ମ ହୋଇ ଧୂମ୍ରାକ୍ଷ, କୃମ୍ଭ, ଅନ୍ଧକ, ଦେବାନ୍ତକ ଏବଂ ନରାନ୍ତକ ଆଦି ରାକ୍ଷସଙ୍କୁ ନାଶ କରିଥିଲେ । ତ୍ରେତା ଯୁଗରେ ସେ ପ୍ରକଟ ହେଇଥିଲେ 'ମୟୂରେଶ୍ୱର'ରୂପେ । ମୟୂରେଶ୍ୱର ଶିବ-ପାର୍ବତୀଙ୍କ ସନ୍ତାନ ଏବଂ ସୂର୍ଯ୍ୟଙ୍କ ବଳରେ ବଳୀୟାନ୍ ସିନ୍ଧୁ ଓ କମଳାସୁରର ସଂହାରକର୍ତ୍ତା । ଏହି ଅବତାରରେ ତାଙ୍କର ବାହନ ମୟୂର ଏବଂ ସେ ଷଡ଼ଭୁଜ । ଦ୍ୱାପର ଯୁଗରେ ସେ ଧାରଣ କରିଥିଲେ 'ଗଜାନନ' ଅବତାର ।

ଗଣେଶ ତ ଅଗ୍ରପୂଜ୍ୟ । ହେଲେ ସାରା ବିଶ୍ୱରେ ପ୍ରଥମେ କେଉଁଠାରେ ଗଣପତିଙ୍କ ଆରାଧନା କରାଯାଇଥିଲା ଏବଂ ଆଦି ଗଣେଶ କେଉଁଠାରେ ସ୍ଥାପିତ ହୋଇଥିଲେ ବୋଲି ପ୍ରଶ୍ନର ଶାସ୍ତ୍ରରେ ଉତ୍ତର ରହିଛି ଯେ, ପ୍ରଜାପତି ବ୍ରହ୍ମା ସୃଷ୍ଟି ସଂରଚନା କରୁଥିବା ବେଳେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତ୍ରିଦେବ ମିଶି ପ୍ରୟାଗ ଅର୍ଥାତ୍ ଆଜିର ଆହ୍ଲାବାଦ ଠାରେ ଗଙ୍ଗାନଦୀ କୂଳସ୍ଥ ଦଶାଶ୍ୱମେଧ ଘାଟରେ ଆଦି ଗଣେଶଙ୍କୁ ସ୍ଥାପନ କରିଥିଲେ । ଏହି ମନ୍ଦିର ଆଜି ବି ନିଜ ମୂଳ ରୂପରେ ରହିଛି । ଏଠାକାର ବାସିନ୍ଦା ଆଦିଗଣେଶଙ୍କ ଦର୍ଶନ ପରେ ହିଁ ନିଜର ସମସ୍ତ କାର୍ଯ୍ୟ ଆରମ୍ଭ କରିଥାନ୍ତି । ଏଠାରେ ସକାଳ ଓ ସନ୍ଧ୍ୟାରେ ସୁନା-ରୂପା ଆଭୂଷଣରେ ଗଣପତିଙ୍କ ଶୃଙ୍ଗାର କରାଯାଏ । ପୌରାଣିକ କଥାନୁସାରେ, ପ୍ରାଚୀନ କାଳରେ ପୃଥିବୀ ଉପରେ ଅନଳାସୁର ନାମକ ଦୈତ୍ୟ ସମ୍ରାଟ ଭାରି ଉତ୍ପାତ କରୁଥିଲା । ମୁନି-ଋଷି, ସାଧାରଣ ଲୋକଙ୍କୁ ସୁଦ୍ଧା ସେ ଜିଅନ୍ତା ଗିଳିଦେଉଥିଲା । ଦେବତା ଏବଂ ଋଷିମୁନିମାନେ ମହାଦେବଙ୍କ ପାଖରେ ପହଞ୍ଚି ଏ ବାବଦରେ ପ୍ରାର୍ଥନା କରିବାରୁ ମହାଦେବ କହିଥିଲେ ଯେ, ଅନଳାସୁରର ଅନ୍ତ କେବଳ ଶ୍ରୀଗଣେଶ କରିପାରିବେ । କାରଣ, ତାଙ୍କର ବିଶାଳ ଉଦର । ଏହା ଶୁଣି ସମସ୍ତେ ଶ୍ରୀଗଣେଶଙ୍କୁ ଅନୁରୋଧ କରିବାରୁ ସେ ଅସୁର ପଛେ ପଛେ ଯାଇ ତାକୁ ଧରି ଗିଳି ପକାଇଥିଲେ । ହେଲେ ଏହାପରେ ତାଙ୍କ ପେଟରେ ପ୍ରବଳ ଜ୍ୱଳନ ହୋଇଥିଲା ଏବଂ ଏହାକୁ ଶାନ୍ତ କରିବା ଲାଗି କଶ୍ୟପ ଋଷି ୨୧ଟି ଦୁବ ଶ୍ରୀଗଣେଶଙ୍କୁ ଖାଇବାକୁ ଦେଇଥିଲେ । ଫଳରେ ଜ୍ୱଳନ ଶାନ୍ତ ହୋଇଥିଲା । ସେବେଠାରୁ ଗଣେଶଙ୍କୁ ଦୁବ ଅର୍ପଣ ପରମ୍ପରା ରହିଆସିଛି । ଯଦି କୌଣସି ବ୍ୟକ୍ତି ନିୟମିତ କିମ୍ବା ପ୍ରତି ବୁଧବାର ଶ୍ରୀଗଣେଶଙ୍କୁ ୩, ୫, ୧୧ କିମ୍ବା ୨୧ଟି ଦୁବ ଅର୍ପଣ କରେ ସମସ୍ତ ସମସ୍ୟାରୁ ସେ ମୁକ୍ତି ପାଇଥାଏ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

# ପଞ୍ଚ ଦେବତା ଶ୍ରୀ ଗଣେଶ ଓ ଅବତାର

ହିନ୍ଦୁ ଧାର୍ମିକ ପରମ୍ପରାରେ ପଞ୍ଚଦେବତାଙ୍କ ମଧ୍ୟରେ ଶ୍ରୀଗଣେଶ ପ୍ରଥମ । ଏଣୁ ଯେ କୌଣସି ଦେବ-ଦେବୀଙ୍କ ପୂଜା ହେଉ ନା କାହିଁକି, ପ୍ରଥମେ ତାଙ୍କ ନାମ ନିଆଯାଏ । ପ୍ରଥମେ ତାଙ୍କ ପୂଜା ବିନା କୌଣସି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ କରାଯାଏ ନାହିଁ । ସେ ଅଗ୍ରପୂଜ୍ୟ । ସେ ସିଦ୍ଧିଦାତା; ସେ ବୁଦ୍ଧିଦାତା । ଦୁଷ୍ଟସଂହାର କରିବା ପାଇଁ ବିଭିନ୍ନ ଯୁଗରେ ଭଗବାନ ବିଷ୍ଣୁ ଯେପରି ଭିନ୍ନ ଭିନ୍ନ ଅବତାର ଧାରଣ କରିଥିଲେ 'ଗଣେଶ ପୁରାଣ'ରେ ମଧ୍ୟ ଗଣେଶଙ୍କର ସେଭଳି ନାନା ଅବତାର କଥା ବର୍ଣ୍ଣିତ । ତାଙ୍କର ପ୍ରଥମ ଅବତାର ହେଉଛି 'ମହୋତ୍କଟ ବିନାୟକ' । ସତ୍ୟ ଯୁଗରେ ଦେବମାତା ଅଦିତିଙ୍କ ଗର୍ଭରୁ ସେ ଏହି ରୂପରେ ଜନ୍ମ ହୋଇ ଧୂମ୍ରାକ୍ଷ, କୃମ୍ଭ, ଅନ୍ଧକ, ଦେବାନ୍ତକ ଏବଂ ନରାନ୍ତକ ଆଦି ରାକ୍ଷସଙ୍କୁ ନାଶ କରିଥିଲେ । ତ୍ରେତା ଯୁଗରେ ସେ ପ୍ରକଟ ହେଇଥିଲେ 'ମୟୂରେଶ୍ୱର'ରୂପେ । ମୟୂରେଶ୍ୱର ଶିବ-ପାର୍ବତୀଙ୍କ ସନ୍ତାନ ଏବଂ ସୂର୍ଯ୍ୟଙ୍କ ବଳରେ ବଳୀୟାନ୍ ସିନ୍ଧୁ ଓ କମଳାସୁରର ସଂହାରକର୍ତ୍ତା । ଏହି ଅବତାରରେ ତାଙ୍କର ବାହନ ମୟୂର ଏବଂ ସେ ଷଡ଼ଭୁଜ । ଦ୍ୱାପର ଯୁଗରେ ସେ ଧାରଣ କରିଥିଲେ 'ଗଜାନନ' ଅବତାର । ଏହି ଅବତାରରେ ତାଙ୍କ ବାହନ ହେଉଛି ମୂଷିକ । ପାର୍ବତୀଙ୍କ ପୁତ୍ର ରୂପେ ପ୍ରକଟ ହେଇଥିଲେ ହେଁ ପରାଶର ମୁନି ଏବଂ ତାଙ୍କ ପତ୍ନୀ ବସ୍ତଳା ତାଙ୍କର ଲାଳନ ପାଳନ କରିଥିଲେ । ପୁଣି ସେ ପରିଚିତ ହେଇଥିଲେ ବରେଣ୍ୟ ମୁନି ଏବଂ ତାଙ୍କ ପତ୍ନୀ ପୁଷ୍ଟିକାଙ୍କ ପୁତ୍ର ରୂପେ । ବରେଣ୍ୟଙ୍କୁ ସେ ଦେଇଥିବା ଉପଦେଶ 'ଗଣେଶ ଗୀତା' ଭାବେ ଖ୍ୟାତ । ଏହି ଅବତାରରେ ସେ ସିନ୍ଦୂର ରାକ୍ଷସକୁ ବଧ କରି, ତା'ର ରକ୍ତ ଶରୀରରେ ଲେପନ କରି ହେଇଥିଲେ 'ସିନ୍ଦୂର ବଦନ' । ତାଙ୍କର ଶେଷ ଅବତାରରେ ସେ ଯାଏ ପ୍ରକଟିତ ହେଇ ନଥିବା ବିଶ୍ୱାସ ପ୍ରଚଳିତ । ଏହି ଅବତାରରେ ସେ କଳି ସଂହାର କରିବେ ଧରାପୃଷ୍ଠରୁ ଅଶ୍ୱ ପୃଷ୍ଠରେ ଚଢ଼ି ।


ଅଲେଖ ଚନ୍ଦ୍ର ସାମଲ

ଗଣେଶ ଏକଦନ୍ତ କାହିଁକି ?

ସାଧାରଣ ଭାବେ ଗଣେଶଙ୍କୁ ଏକଦନ୍ତ ଓ ଚତୁର୍ଭୁଜ ଭାବେ ଗ୍ରହଣ କରାଯାଇଛି । ସେ କିପରି ଏକଦନ୍ତ ହେଲେ, ତାହାକୁ ନେଇ ରହିଛି ଏକାଧିକ କିମ୍ବଦନ୍ତୀ । ଗୋଟିଏ କିମ୍ବଦନ୍ତୀ ଅନୁଯାୟୀ ମୋଦକପ୍ରିୟ ଗଣେଶ ଏକଦା ପେଟଭର୍ତ୍ତି ଲଡୁ ଖାଇ ମୂଷିକ ପିଠିରେ ବସି ବିହାର କରୁଥିବା ବେଳେ ସହସା ମୂଷିକ ଏକ କୃଷ୍ଣ ସର୍ପକୁ ଦେଖି ଭୟପାଇ, ତାଙ୍କୁ ପିଠିରୁ ଖସାଇ ଦେଇଥିଲେ । ସେହି ଦୃଶ୍ୟକୁ ଦେଖି ଆକାଶରେ ଚନ୍ଦ୍ର ଫେ କିନା ହସିଦେବାରୁ, ଗଣେଶ ରାଗିଯାଇ ନିଜର ଗୋଟିଏ ଦାନ୍ତ ଉପାଡ଼ି ଚନ୍ଦ୍ରଙ୍କ ଉପରକୁ ଫୋପାଡ଼ି ଦେଇଥିଲେ । ସେଦିନ ଚନ୍ଦ୍ରପୃଷ୍ଠରେ ସୃଷ୍ଟି ହୋଇଥିବା ସେହି ଦାଗକୁ ଆମେ କହୁଛେ ଚନ୍ଦ୍ର କଳଙ୍କ । ଅନ୍ୟ ଏକ କାହାଣୀ ଅନୁଯାୟୀ 'ମହାଭାରତ' ମହାକାବ୍ୟ ରଚନା ବେଳେ ସେ ମହର୍ଷି ବେଦବ୍ୟାସଙ୍କ ପାଇଁ ଲେଖୁଥିଲେ । ହଠାତ୍ ଲେଖନୀ ଭାଙ୍ଗିଯିବାରୁ ସେ ନିଜର ଗୋଟିଏ ଦାନ୍ତ ଭାଙ୍ଗି ଲେଖନୀର ଅଭାବ ପୂରଣ କରିଥିଲେ । ତୃତୀୟ ଜନଶ୍ରୁତି କହେ, ଏକଦା ଶିବ ବିଶ୍ରାମ ନେଉଥିବା ବେଳେ ପହରା ଦେଉଥିଲେ ଗଣେଶ । ସେହି ସମୟରେ ମହାଦେବଙ୍କ ଦର୍ଶନ ପାଇଁ ଆସି ପହଞ୍ଚିଲେ ପରଶୁରାମ । ଗଣେଶ, ତାଙ୍କୁ ଭିତରକୁ ନ ଛାଡ଼ିବାରୁ ଦୁହିଁଙ୍କ ଭିତରେ ଆରମ୍ଭ ହେଇଥିବା ବଚସା କ୍ରମେ ଯୁଦ୍ଧର ରୂପ ନେଲା । କ୍ରୁଦ୍ଧ ପରଶୁରାମ ନିଜର କୁଠାର ଦ୍ୱାରା ତାଙ୍କର ଦାନ୍ତଟିକୁ ଭାଙ୍ଗି ନିଜର କ୍ରୋଧ ପ୍ରଶମିତ କରିଥିଲେ ।

*ପୂର୍ବତନ ଡିଏଫ୍‌ଓ, ପଲାଇ,*
*ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୯୪୩୭୨୫୭୧୨୩*

# ଆନ୍ତର୍ଜାତିକ ପ୍ରସିଦ୍ଧ ଲେଖିକା, ସାମ୍ବାଦିକା : ଗୀତା ମେହେଟ୍ଟା

ଆନ୍ତର୍ଜାତିକ ପ୍ରସିଦ୍ଧ ଲେଖିକା, ସାମ୍ବାଦିକା ତଥା ପ୍ରାମାଣିକ ଚଳଚ୍ଚିତ୍ର ନିର୍ମାତା ଗୀତା ମେହେଟ୍ଟାଙ୍କ ପରଲୋକ ହୋଇଛି । ସେ ଓଡ଼ିଶାର ବିଶିଷ୍ଟ କିମ୍ବଦନ୍ତୀ ବ୍ୟକ୍ତିତ୍ୱ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ଝିଅ । ଓଡ଼ିଆମାନେ ତାଙ୍କ ବିଷୟରେ ଅଧିକାଂଶ ଜାଣିଥାନ୍ତି କେବଳ ବିଜୁ ବାବୁଙ୍କ ଝିଅ ଭାବେ କିନ୍ତୁ ତାଙ୍କ ଲେଖନୀ, ଚଳଚ୍ଚିତ୍ର ନିର୍ମାଣ ସମ୍ବନ୍ଧରେ ଅନେକ ଜାଣି ନଥିବେ । କିଛି ବର୍ଷ ତଳେ ଆନନ୍ଦ ଭବନକୁ ସରକାର ବିଜୁ ବାବୁଙ୍କ ସ୍ମୃତି ସ୍ମାରକୀ କରିବା ପାଇଁ ଯୋଜନା କଲାବେଳକୁ ଏହାର ମାର୍ଗ ଦର୍ଶନ ସାଜି ଥିଲେ ଗୀତା ମେହେଟ୍ଟା । ବିଜୁ ବାବୁଙ୍କ ଜନ୍ମ, କର୍ମସ୍ଥଳୀ ଓ ସ୍ୱାଧୀନତା ସଂଗ୍ରାମ ସମୟର ଏହି ଐତିହାସିକ ସ୍ମାରକୀ ଆନନ୍ଦ ଭବନରେ ସଂଗ୍ରାହଳୟର ମୂଳ ସ୍ଥପତି ଥିଲେ ଗୀତା ମେହେଟ୍ଟା । ସୂଚନାଥାଉକି ୨୦୧୭ ମାର୍ଚ୍ଚ ୧୮ରେ ଏହା ଉଦଘାଟିତ ହୋଇଥିଲା । ତାଙ୍କ ସାରସ୍ୱତ ସାଧନାର କୀର୍ତ୍ତି ବିଷୟରେ, ଆଲୋଚନା କଲାବେଳେ : ୧୯୭୯ରେ ତାଙ୍କର ପ୍ରଥମ ପୁସ୍ତକ 'କର୍ମ କୋଲା : ମାର୍କେଟିଂ ଦ ମିଷ୍ଟିକ ଇଷ୍ଟ' ପ୍ରକାଶ ପାଇଥିଲା । ୧୯୮୯ରେ ଇଂରାଜୀ ଉପନ୍ୟାସ 'ରାଜ', ୧୯୯୩ରେ କ୍ଷୁଦ୍ରଗଳ୍ପ ସଂକଳନ 'ଏ ରିଭର ସୂତ୍ର', ୧୯୯୭ରେ 'ସ୍ନେକ ଆଣ୍ଡ ଲ୍ୟାଡର', ୧୯୯୯ରେ 'ମାଉଣ୍ଟେନ ସୂତ୍ର',


ବାଦଲ ଭୂୟାଁ

୨୦୦୩ରେ 'କ୍ଲେମେଣ୍ଟେ' ଓ ୨୦୦୬ରେ 'ଇଟରନାଲ ଗଣେଶ' ପ୍ରକାଶ ପାଇଥିଲା । ତାଙ୍କ ପୁସ୍ତକ ୨୧ଟି ଭାଷାରେ ଅନୁବାଦ ହୋଇଛି । ୟୁରୋପ, ଆମେରିକା ଓ ଭାରତରେ ଏହା ସର୍ବାଧିକ ବିକ୍ରି ହୋଇଥିବା (ବେଷ୍ଟ ସେଲର) ବହି ତାଲିକାରେ ରହିଥିଲା । ତାଙ୍କ ଜୀବନ କାଳ ଭିତରେ ସେ ସର୍ବଦା ଲେଖାଲେଖି, ଗବେଷଣା ଓ ପରିଭ୍ରମଣରେ ସମୟ ଅତିବାହିତ କରୁଥିଲେ । ରାଜ୍ୟ ରାଜନୀତିରେ ସେ ସାମାନ୍ୟତମ ରୁଚି ରଖୁନଥିଲେ କିନ୍ତୁ ତାଙ୍କ ରାଜନୀତିକୁ ନେଇ ଖବର କାଗଜରେ ଅନେକ ତୁମ୍ବୀ ତୋଫାନ ଖବର ପ୍ରକାଶ ପାଉଥିଲା । ବିଜୁ ବାବୁ ଥିବା ସମୟରେ ତାଙ୍କୁ ରାଜନୀତିକୁ ଆଣିବା ପାଇଁ ଅନେକ ଉଦ୍ୟମ ହୋଇଥିଲା କିନ୍ତୁ ସେ ଚାହୁଁ ନଥିବାରୁ ବିଜୁ ବାବୁ ତାଙ୍କୁ ରାଜନୀତି ଆଣିବାକୁ ଇଚ୍ଛା କରିନଥିଲେ । ବିଜୁ ବାବୁଙ୍କ ପରେ ନବୀନ ବାବୁଙ୍କୁ ରାଜନୀତିକୁ ଆଣିବା ପୂର୍ବରୁ କିଛି ବିଜୁପ୍ରେମୀ ମାନେ ଗୀତା ମେହେଟ୍ଟାଙ୍କ ନାମ ସର୍ବପ୍ରଥମେ ଚିନ୍ତ କରିଥିଲେ କିନ୍ତୁ ସେ ମନା କରିବା ପରେ ତାଙ୍କ ରାଜନୀତିରେ ଯୋଗଦାନ ପ୍ରସ୍ତାନ ନୀରବି ଯାଇଥିଲା । କେହି କେହି ତାଙ୍କୁ ସେ ନବୀନ ବାବୁଙ୍କୁ ରାଜନୀତିକୁ ନେଇ ପରାମର୍ଶ ଦେଉଥିବାର ଖବର ଗଣମାଧ୍ୟମର ବଡ଼ ଖବର ଭାବେ ପ୍ରକାଶ ପାଉଥିଲା । କିନ୍ତୁ ଏହା କେତେ ସତ କେତେ ମିଛ ତାହା ସେ ଖବର ଭିତରେ ହିଁ ରହିଗଲା । କିନ୍ତୁ ଜଣେ ବଡ଼ଭଉଣୀ ଭାବେ ନବୀନ ବାବୁ ତାଙ୍କୁ ଅତ୍ୟନ୍ତ ସମ୍ମାନ କରୁଥିଲେ ଓ ଭଲ ପାଉଥିଲେ ମଧ୍ୟ । ୨୦୧୯ରେ କେନ୍ଦ୍ର ସରକାର ତାଙ୍କୁ ପଦ୍ମ ପୁରସ୍କାର ଦେବା ପାଇଁ ମନୋନୀତ କରିଥିଲେ ତେବେ ସେତେବେଳକୁ ନିର୍ବାଚନ ମାହୋଲ ସରଗରମ ହୋଇସାରିଥିବାରୁ ସେ ବିନମ୍ରତାର ପୂର୍ବକ ଏହି ପୁରସ୍କାରକୁ ସେ ଗ୍ରହଣ କରିବା ପାଇଁ ମନା କରିଦେଇଥିଲେ । ଏହି ଖବର ଜାତୀୟ ରାଜନୀତିକୁ କିଛି ଦିନ ପାଇଁ ବେଶ ସରଗରମ କରିଦେଇଥିଲା । ଆଗରେ ଦୁଇଟି ବଡ଼ ବଡ଼ ନିର୍ବାଚନ ଥିବାରୁ ଓ ତାଙ୍କ ପରିବାର ଏକ ରାଜନୀତିକ ଶକ୍ତିଶାଳୀ ଆଞ୍ଚଳିକ ଦଳ ହୋଇଥିବାରୁ ହୁଏତ ସେ ଏହି ପୁରସ୍କାର ଗ୍ରହଣ କରିବାକୁ ରାଜି ହୋଇନଥିଲେ ବୋଲି ସେ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । କେନ୍ଦ୍ରରେ ନବୀନ ବାବୁଙ୍କ ବିଜେଡ଼ି କେନ୍ଦ୍ର ସରକାରରେ ଅଂଶୀଦାର ଥିବାରୁ ଅଟଳ ବିହାରୀ ବାଜପେୟୀଙ୍କ ସମୟରେ ତାଙ୍କୁ କୌଣସି ରାଜ୍ୟର ରାଜ୍ୟପାଳ ଦାୟିତ୍ୱ ଦେବା ପାଇଁ ମଧ୍ୟ କିଛି ଗଣମାଧ୍ୟମରେ ଖବର ଚର୍ଚ୍ଚାର ଶିରୋନାମା ପାଲଟିଥିଲା । ତେବେ ପରେ ଏହା ଚର୍ଚ୍ଚାରେ ହିଁ ରହିଗଲା । ଗୀତା ମେହେଟ୍ଟାଙ୍କର ଆଉ ଏକ ଖୁବ ବଡ଼ ଗୁଣ ଥିଲା ସେ ବେଶ ବନ୍ଧୁବତ୍ସଳ ଥିଲେ । ନୂଆଦିଲ୍ଲୀରେ ଶେଷ ଦର୍ଶନ ସମୟରେ ନବୀନ ବାବୁ ଭାବ ଗମ୍ଭୀର ହୋଇ ତାଙ୍କ ଦୁଇଆଖି ଲୁହ ଛଳ ଛଳ ହୋଇଯାଇଥିଲା । ଗୀତା ମେହେଟ୍ଟା ଯେବେ ବି ଓଡ଼ିଶା ଆସୁଥିଲେ ସେ ନବୀନ ବାବୁଙ୍କ ସହ ତାଙ୍କ ନବୀନ ନିବାସରେ ହିଁ ରହୁଥିଲେ । ତେବେ ଓଡ଼ିଶାର ବିଭିନ୍ନ ଆଦିବାସୀ, କଳା ସଂସ୍କୃତି, ଆଦିବାସୀ ମାନଙ୍କର ଖାଦ୍ୟ ବ୍ୟବସ୍ଥା, ତାଙ୍କ ପଖାଳ କଂସା, ତାଙ୍କ ପିନ୍ଧା ବସ୍ତ୍ର, ତାଙ୍କ ଟୋପି ଏହାକୁ ସବୁ ସଂଗ୍ରହ କରିବା ସହ ତାଙ୍କ ସହିତ ଆଲୋଚନା କରି ନିଜ ଗବେଷଣା ପାଇଁ କିଛି ତଥ୍ୟ ସଂଗ୍ରହ କରୁଥିଲେ । ଅନେକ ସମୟରେ ସେ ରାଜ୍ୟ ସଂଗ୍ରାହଳୟକୁ ମଧ୍ୟ ବୁଲି ଆସିଛନ୍ତି ଏବଂ ବିଶେଷକରି ବହି ଗୁଡ଼ିକୁ ସେ ତନ୍ନ ତନ୍ନ କରି ଦେଖନ୍ତି । ଗୀତା ମେହେଟ୍ଟା ଜଣେ ସମକାଳୀନ ବହୁମୁଖୀ ପ୍ରତିଭାବାନ ବ୍ୟକ୍ତିତ୍ୱ ଥିଲେ । କାଳୋତୀର୍ଣ୍ଣ, ସୃଜନଶକ୍ତି, ସାରସ୍ୱତ ସାଧନା ଓ ଚଳଚ୍ଚିତ୍ର ନିର୍ମାଣ ପାଇଁ ସେ ଥିଲେ ଆନ୍ତର୍ଜାତିକ ସ୍ତରରେ ସୁପରିଚିତ । ତାଙ୍କ ବିୟୋଗ ସମଗ୍ର ସାହିତ୍ୟ, ସଂସ୍କୃତି ତଥା ଚଳଚ୍ଚିତ୍ର ଲାଗି ଏକ ଅପୂରଣୀୟ କ୍ଷତି ନିଶ୍ଚୟ ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି*
*ପ୍ରତାପ ଆପାର୍ଟମେଣ୍ଟ,*
*୭ ଏକ୍ସଟେନସନ ରୋଡ଼, ପୁରୁଣା*
*ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ଶିକ୍ଷାନୁଷ୍ଠାନ : ବ୍ୟକ୍ତିତ୍ୱ ପ୍ରତିଷ୍ଠାନ


ଶ୍ୟାମ ସୁନ୍ଦର ସାମଲ

ସେ ଦିନ ଅନୁଜ ପ୍ରତୀମ ଅନୁଲିପି ସ୍ଥପତି ଶ୍ରୀକାନ୍ତ ତା ଅଙ୍ଗେ ନିଭା କିଛି କଥା କହୁଥିଲା । ତା କହିବା କଥା ମୁତାବକ ଆଜିକାଲି ସରକାର ଶିକ୍ଷା ବ୍ୟବସ୍ଥାକୁ ୫ଟି ଅନ୍ତର୍ଗତ କରିଛନ୍ତି । ଏହାସହ ଶିକ୍ଷାର ବ୍ୟାପକ ପ୍ରଚାର ପ୍ରସାର ଓ ସର୍ବାଙ୍ଗୀନ ପ୍ରଗତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଯାହାବି ହେଲେ ଏବେ ଓଡ଼ିଶାରେ ସେପରି କିନ୍ତୁ ଶିକ୍ଷାର ପ୍ରସାର ହୋଇନଥିବାର ଅଭିଯୋଗ ହେଉଛି । ସରକାରଙ୍କ ଶିକ୍ଷା ପ୍ରତିଷ୍ଠାନ କଥା ଛାଡ଼ନ୍ତୁ ବେସରକାର ବିଦ୍ୟାଳୟ ଖଣ୍ଡେ ଖୋଲିବା ଅତ୍ୟନ୍ତ କାଠିକର ପାଠ । ଜଣେ ଚାହିଁବା ମୁତାବକ ଜମି ଦାନ କରୁଥିଲେ ବି ଏହା କିନ୍ତୁ ସରକାରଙ୍କ ପାଖରେ ସହଜ ନୁହେଁ ଏହାକୁ ବିଧିବିଦ୍ଧ ଅନ୍ୟାନ୍ୟ ସୁବିଧା ସହଯୋଗ ଦେଇ ତ୍ୱରାନ୍ୱିତ କରିବା । ଶିକ୍ଷାର ପ୍ରସାର ବଢ଼ାଇବା ପାଇଁ କିଛି ସ୍ଥାନୀୟ ସମାଜ ସେବା ସମ୍ପନ୍ନ ବ୍ୟକ୍ତିତ୍ୱ ନିଜ ଜମି ଦାନ କରିବା ପାଇଁ ଆଗେଇ ଆସିଥାନ୍ତି । କୃତଜ୍ଞତା ଜ୍ଞାପନ ପୂର୍ବକ ବିଦ୍ୟାଳୟ ପରିସରରେ ତାଙ୍କର ଏକ ଆବକ୍ଷ ପ୍ରତମୂର୍ତ୍ତି ସ୍ଥାପନ କରିବା କଥା । କିନ୍ତୁ କେତେକ କ୍ଷେତ୍ରରେ ଦେଖାଯାଉଛି କେବଳ ପ୍ରତିମୂର୍ତ୍ତି ଭିତରେ ଏହା ସୀମିତ ନରହି ଏହି ଶିକ୍ଷାନୁଷ୍ଠାନର ନାମକୁ ତାଙ୍କ ନାମରେ ନାମିତ ପାଇଁ ଦାବୀ ପରେ ବିବାଦର ବାଟ ଦେଖାଉଛି ।

ଏକ ସରକାରୀ ଶିକ୍ଷାନୁଷ୍ଠାନ ହେଉ ବା ବେସରକାରୀ । ଏହାକୁ ଗଢ଼ି ତୋଳିବାରେ ଗୃହ ନିର୍ମାଣ କ୍ଷେତ୍ରରେ ଉତ୍ସର୍ଗୀକୃତ ସହଯୋଗ ରହିଥିବା ବଦାନ୍ୟ ଲୋକଙ୍କ ପ୍ରତିମୂର୍ତ୍ତିକୁ ନେଇ ଆଜିକାଲି ଅନେକ ମାଲିମୋକଦ୍ଦମା କଚେରୀରେ ଗଦା ହେଲାଣି । ତେବେ ବିଦ୍ୟାଳୟ ଶି ?କ୍ଷା ବ୍ୟବସ୍ଥାର ଯାହା ଆଇନଗତ ଦିଗ ରହିଛି ତାହା ହେଉଛି ଏହା ତିନୋଟି ସ୍ତର ଦେଇ ଅନୁମୋଦନ ଲାଭ କରିବା ପରେ ଯାଇ ପ୍ରତିମୂର୍ତ୍ତି ସ୍ଥାପନ କାମ ହୋଇଥାଏ । ଏହି ତିନୋଟି ସ୍ତର ହେଲା ପ୍ରଥମେ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ନିକଟରେ ବିଦ୍ୟାଳୟ କମିଟି ଏହି ପ୍ରସ୍ତାବକୁ ଲିଖିତ ଭାବରେ ଉପସ୍ଥାପନ କରିବେ । ବିଦ୍ୟାଳୟ ପରିଚାଳନା କମିଟି ଏହି ଦାବିର ଯାଞ୍ଚ କରିବା ପରେ ଏବଂ ଏହାକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବା ପରେ ଏହା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ଯିବ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଏହି ପ୍ରସ୍ତାବର ଅନୁଧ୍ୟାନ ପରେ ଏହା ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗକୁ ଯିବ । ଜିଲ୍ଲାସ୍ତରୀୟ କମିଟିରେ ଜିଲ୍ଲାପାଳ ଅଧ୍ୟକ୍ଷ ରହିବେ ଏବଂ ଏହାର ସଦସ୍ୟ ଭାବରେ ପୁଲିସ ଅଧିକ୍ଷକ, ଜିଲ୍ଲା ଜନମଙ୍ଗଳ ଅଧିକାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ, ଉପଜିଲ୍ଲାପାଳ, ବିଡ଼ିଓ, ତହସିଲଦାର, ଜିଲ୍ଲା ସଂସ୍କୃତି ଅଧିକାରୀ ଆଦି ଏହି ଆବେଦନର ତର୍ଜମା କରିବେ । ସେଠାରୁ ଅନୁମୋଦନ ଲାଭ ପରେ ଯାଇ ଗଣଶିକ୍ଷା ବିଭାଗକୁ ଏହି ପ୍ରସ୍ତାବଟି ଯିବ । ଗଣଶିକ୍ଷା ବିଭାଗରେ ପୁର୍ନବାର ଏହାର ତର୍ଜମା କରାଯାଇ ଅନୁମୋଦିତ ହେଲେ କୌଣସି ଏକ ସରକାରୀ ବିଦ୍ୟାଳୟରେ ବ୍ୟକ୍ତିବିଶେଷଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ପାରିବ । ହେଲେ ଆଜିର ଦିନରେ ବିଦ୍ୟାଳୟକୁ ନିଜ ନାମରେ ନାମିତ କରିବାର ଦାବୀ କେବଳ ରାଜନୈତିକ ଦିଗ ନୁହେଁ ଏହା ଏକ ପ୍ରତିପତ୍ତିର ଉଚ୍ଚତାର ମାପକାଠି ଭାବେ ଧରାଯାଉଛି । ଏହା ପରବର୍ତ୍ତୀ ସମୟରେ ସ୍ଥାନୀୟ ଅଞ୍ଚଳ ସହ ଶିକ୍ଷାନୁଷ୍ଠାନର ଏକ ଖରାପ ସମ୍ପର୍କ ସୃଷ୍ଟି କରିବା ପାଇଁ ବାଟ କଢ଼ାଉଛି । ଘରୋଇ ବିଦ୍ୟାଳୟ ହୋଇଥିଲେ ଜମିଦାନ କରିଥିବା ବ୍ୟକ୍ତିତ୍ୱଙ୍କ ନାମରେ ନାମିତ କରିବା ପାଇଁ ଆପତ୍ତି ରହିବ ନାହିଁ । କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ସରକାର ନିଜ ହାତକୁ ନେଉଥିଲେ କିନ୍ତୁ ନାମ ଅପରିବର୍ତ୍ତିତ ରହିବ ବୋଲି ସରକାରଙ୍କ ଶିକ୍ଷା ସେବା ଆଇନର ବଧିବଦ୍ଧ ଭାବେ ଉଲ୍ଲେଖ ରହିଛି । ଏହି ଲେଖକ କିଛିଦିନ ତଳେ 'କଟକର ଏକ ଘରୋଇ ଆଧାତ୍ମିକ ବିଦ୍ୟାଳୟରେ ଚାଲିଥିବା ଶିକ୍ଷା ବ୍ୟବସ୍ଥା, କର୍ମଚାରୀଙ୍କ ଆଚରଣ ଓ ଉଚ୍ଚାରଣ, ଅଭିଭାବକଙ୍କ ଦାୟିତ୍ୱବୋଧ, ଶିକ୍ଷାବିତଙ୍କ ସହଯୋଗ' ମାର୍ମିକ ଘଟଣାକୁ ନେଇ ଲେଖାଟିଏ ଲେଖିଥିଲା । ଅନେକ ସୁଧୀ ପାଠକବୃନ୍ଦ ସାଧୁବାଦ ଜଣାଇବା ସହ ଖୁସି ପ୍ରକଟ କରି ଆହୁରି କିଛି ଲେଖିବା ପାଇଁ ବିଶେଷ କରି ଶିକ୍ଷା ଓ ସମାଜକୁ ଭଲ ବର୍ତ୍ତା ଦେଉଥିବା ଘଟଣାକୁ ନେଇ ଲେଖିବା ପାଇଁ ପରାମର୍ଶ ମଧ୍ୟ ଦେଇଛନ୍ତି । ତେବେ ଆମ ଆଲୋଚ୍ୟ ପ୍ରସଙ୍ଗର ଶେଷରେ ଏହା ନିଶ୍ଚିନ୍ତ ହେଉ ଯେ ଜାଗା ବାଡ଼ି ସଂକ୍ରାନ୍ତ କୌଣସି ସିଭିଲ ମାମଲା ଯେପରି ନରୁହେ କାରଣ ଏହା ଏକ ଶିକ୍ଷାନୁଷ୍ଠାନ ପାଇଁ ପରବର୍ତ୍ତୀ ସମୟରେ ଜଟିଳ ଆଇନଗତ କ୍ଷେତ୍ରକୁ ନେଇଯାଇଥାଏ । ଏବଂ ବଦାନ୍ୟ ବ୍ୟକ୍ତିତ୍ୱ ସମ୍ଭବତଃ ଭୁଲି ଯାଆନ୍ତି ଆମ ଓଡ଼ିଆରେ ଏକ କଥାକୁ ନେଇ – 'ବାଜା ବାଜିଲେ କୋସେ, ତୁଣ୍ଡ ବାଜିଲେ ସହସ୍ର କୋଶ...' । ଏହାର ଅର୍ଥ ଯେଉଁ ବଦାନ୍ୟ ବ୍ୟକ୍ତିତ୍ୱ ଜମି ଦାନ କରିଥାନ୍ତି ତାଙ୍କ ନାମ ସ୍ୱଭାବିକ ଭାବେ କେବଳ ହଜାର ଭାବରେ ନୁହେଁ କେବଳ ଲକ୍ଷାଧିକ ଲୋକଙ୍କ କାନକୁ ଯାଇଥାଏ । ଏହା କମ ବଡ଼ ଯଶ ନୁହେଁ । ନାମରେ ଯେ ହୋଇଗଲେ ସମାଜ ପାଇଁ ସମସ୍ତେ ଯେ ଆଲୋକବର୍ତ୍ତିକା ସାଜି ପାରିବେ ତାହା ମଧ୍ୟ ନୁହେଁ । କିନ୍ତୁ ଏହିପରି କିଛି ବଦାନ୍ୟ ଓ ହୃଦୟବାନ ବ୍ୟକ୍ତିତ୍ୱଙ୍କ ମହତ ଦାନ ଏକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ଯେଉଁ ଯଶ ସୃଷ୍ଟି କରିଥାଏ ତାହା ଯୁଗ ଯୁଗ ପାଇଁ ସ୍ମରଣୀୟ ହୋଇ ରହିଥାଏ ।

*ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ,*
*ଶ୍ରୀସତ୍ୟସାଇ ସେବା ସମିତି, କଟକ,*
*ଦୂରଭାଷ : ୯୭୭୮୬୩୫୯୨୬*

# ବସୁଧୈବ କୁଟୁମ୍ବକମ୍ (୨)

**ସୌମେନ୍ଦ୍ର ଜେନା**

ନୂଆଦିଲ୍ଲୀ ଘୋଷଣାପତ୍ର ବିନାବାଧାରେ ଗୃହୀତ ହେବାପରେ ସମସ୍ତେ ଚକିତ ହୋଇଥିଲେ । ଏପରିକି ସାମ୍ବାଦିକମାନେ ଭାରତର ବିଦେଶମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଏ ସଂପର୍କରେ ପ୍ରଶ୍ନ ମଧ୍ୟ କରିଥିଲେ । ଏହାର ଉତ୍ତରରେ ଜୟଶଙ୍କର କହିଥିଲେ ଯେ ବାଲି ଥିଲା ବାଲି, କିନ୍ତୁ ଏହା ଯେ ନୂଆଦିଲ୍ଲୀ । ଅର୍ଥ ହେଉଛି ବାଲି କଥା ଭୁଲିଯାଅ । ନୂଆଦିଲ୍ଲୀ କଣ କରିପାରେ ତାହା କେବଳ ଦେଖ । ଏହି ଘୋଷଣାନାମାରେ ସଶକ୍ତ, ନିରନ୍ତର ଏବଂ ସନ୍ତୁଳିତ ବିକାଶ, ଆଗାମୀ ଭବିଷ୍ୟତ ପାଇଁ ପ୍ରଦୂଷଣମୁକ୍ତ ବିକାଶ ବୁଝାମଣା ଏକବିଂଶ ଶତାବ୍ଦୀ ପାଇଁ ବହୁପକ୍ଷୀୟ ଅନୁଷ୍ଠାନ ସ୍ଥାପନା, ବିବିଧତାପୂର୍ଣ୍ଣ ବିଶ୍ୱବ୍ୟବସ୍ଥା, ଆଫ୍ରିକୀୟ ସଂଘକୁ ବିଶ୍ୱ ଆଲୋଚନାରେ ଭାଗିଦାରୀ କରିବା, କ୍ରିପ୍ଟୋ ମୁଦ୍ରା ପାଇଁ ସ୍ୱତନ୍ତ୍ର ନୀତି ପ୍ରଣୟନ ଆଦି ରହିଥିଲା । ଆତଙ୍କବାଦର ନିନ୍ଦା, ଧାର୍ମିକ ପୁସ୍ତକ ଓ ପ୍ରତୀକକୁ ଘୃଣାର ନିନ୍ଦା, ଶ୍ରୀଲଙ୍କା, ଘାନା ଏବଂ ଜାମ୍ବିଆପରି ରାଷ୍ଟ୍ରର ଆବଶ୍ୟକତା ପ୍ରତି ଧ୍ୟାନଦେବା ପରି ବିଷୟ ସେଥିରେ ଉଲ୍ଲେଖ ଥିଲା । କନ୍ୟା ଓ ମହିଳାମାନଙ୍କ ଅଧିକାରର ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଯୋଗୁ ପଡୁଥିବା ପ୍ରଭାବ ଏବଂ ଲିଙ୍ଗଗତ ସମାନତାକୁ ଅଧିକ ଗୁରୁତ୍ୱ ଦେଇ ଚିନ୍ତା କରିବାକୁ ଉଲ୍ଲେଖ ଥିଲା । ଛୋଟ ବଡ ଅସ୍ତ୍ରଶସ୍ତ୍ରର ଚୋରାଚାଲାଣକୁ ରୋକିବା ପାଇଁ ଏଫ୍‌ଏଟିଏଫ୍ ପରି କାର୍ଯ୍ୟରତ ସଂସ୍ଥାର ଆର୍ଥିକ ବ୍ୟବସ୍ଥାକୁ ଠିକ୍ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଗତ କିଛିବର୍ଷ ହେବ ଦକ୍ଷିଣ ବିଶ୍ୱ କଥା ଅନେକ ବିଶ୍ୱମଞ୍ଚରେ କହିଆସୁଥିଲେ । ଏହି ବୈଠକପରେ ଭାରତ ପ୍ରକୃତରେ ଦକ୍ଷିଣ ବିଶ୍ୱର ନେତା ଭାବେ ନିଜକୁ ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଛି । କେବଳ ଏତିକି ନୁହେଁ ଆଫ୍ରିକୀୟ ସଂଘକୁ ଜି୨୦ରେ ସ୍ଥାୟୀ ସଦସ୍ୟତା ଦେବାଲାଗି ନରେନ୍ଦ୍ର ମୋଦି ପୂର୍ବରୁ ଯୁକ୍ତି କରି ଆସୁଥିଲେ । ଏପରିକି ଜାତିସଂଘରେ ମଧ୍ୟ ଆଫ୍ରିକାର ପ୍ରତିନିଧିତ୍ୱକୁ ପ୍ରାଥମିକତା ଦେବାଲାଗି ସେ ଯୁକ୍ତି ବାଢ଼ି ଆସିଛନ୍ତି । ନୂଆଦିଲ୍ଲୀ ବୈଠକରେ ଆଫ୍ରିକୀୟ ସଂଘର ଅଧ୍ୟକ୍ଷ ଦାୟିତ୍ୱରେ ଥିବା କୋମୋରୋସ ରାଷ୍ଟ୍ରପତି ଅଜାଲି ଅସୌମାନୀଙ୍କୁ ମୋଦି ଯେପରି ୨୧ତମ ସ୍ଥାୟୀ ସଦସ୍ୟଭାବେ ବୈଠକରେ ବସିବାଲାଗି ଆହ୍ୱାନ କରି ତାଙ୍କୁ ସ୍ୱତନ୍ତ୍ର ଆସନ ଦେଇଥିଲେ ତାହା ଚର୍ଚ୍ଚାର କେନ୍ଦ୍ର ହୋଇଥିଲା । ଏହି ପଦକ୍ଷେପ ଯୋଗୁ ଜି୨୦ ଗୋଷ୍ଠୀ ଜି ୨୧ ହେବା ସହ ୧୨୫ ରାଷ୍ଟ୍ରକୁ ସାଙ୍ଗରେ ନେବାର ସୁଯୋଗ ସୃଷ୍ଟି କଲା । ଏହାଛଡା ଆମେରିକା, ଋଷିଆ, ୟୁରୋପ, ଚୀନ ଆଦି ରାଷ୍ଟ୍ରଗୁଡିକର ଚାପସତ୍ତ୍ୱେ ଭାରତ ସନ୍ତୁଳନ ରକ୍ଷାକରି ଯେପରି ଆଲୋଚନାକୁ ଉତ୍ତେଜନାମୁକ୍ତ ରଖିପାରିଲା ତାହା ଭାରତର କୂଟନୀତିକ ଦକ୍ଷତାକୁ ପୁନର୍ବାର ପ୍ରମାଣିତ କରିଛି । ଗୋଟିଏ ତୀରରେ ଭାରତ ଅନେକ ଲକ୍ଷ୍ୟ ସାଧନ କରିବାକୁ ପ୍ରୟାସ କରିଛି । ଆଫ୍ରିକାରେ ଭାରତର ପ୍ରଭାବ ବୃଦ୍ଧି କରିବା, ବିଶ୍ୱମଞ୍ଚରେ ୫୦ରୁ ଅଧିକ ଆଫ୍ରିକୀୟ ରାଷ୍ଟ୍ରଙ୍କ ସମର୍ଥନ ଲାଭ କରିବା, ଆଗାମୀ ଦିନରେ ଆଫ୍ରିକାର ବିକାଶରେ ଭାରତର ସହଯୋଗ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟ ପାଇଁ ସୁଯୋଗ ସୃଷ୍ଟି କରିବାକୁ ପ୍ରୟାସ କରାଯାଇଛି ବୋଲି କହିଲେ ଠିକ୍ ହେବ । ଏହାର ଫଳାଫଳ ମଧ୍ୟ ମିଳିବାକୁ ଆରମ୍ଭ କରିଛି । ଆଫ୍ରିକାର ବଡରାଷ୍ଟ୍ର ନାଇଜେରିଆରେ ଭାରତ ତୈଳ ରିଫାଇନାରୀ ବସାଇବା, ଇସ୍‌ପାତ କାରଖାନା ବସାଇବା ପାଇଁ ପ୍ରତିଶ୍ରୁତି ଦେଇଛି । କେନିଆକୁ ବାଣିଜ୍ୟିକ ପୋତ ନିର୍ମାଣ ପାଇଁ ବୈଷୟିକ ଜ୍ଞାନ କୌଶଳ ଦେବାଲାଗି ମଧ୍ୟ ଭାରତ ନିକଟରେ ରାଜି ହୋଇଛି ।

ଏହି ଶିଖର ବୈଠକରେ ନରେନ୍ଦ୍ର ମୋଦି ସାଉଦି ଆରବ, ଅମିରାତ, ଆମେରିକାକୁ ନେଇ ଯେଉଁ ଭାରତ-ମଧ୍ୟପ୍ରାଚ୍ୟ ୟୁରୋପ ଆର୍ଥିକ ମାର୍ଗର ଘୋଷଣା କଲେ ତାହା ଚୀନର ବେଲ୍ଟ ଏଣ୍ଡ୍ ରୋଡ ପ୍ରକଳ୍ପର ବିକଳ୍ପ ହେବ ବୋଲି କୁହାଯାଇଛି । କାରଣ ଭାରତ ୟୁରୋପ ସହ ସିଧାସଳଖ ବାଣିଜ୍ୟିକ ସଂପର୍କର ମାର୍ଗ ନପାଇବା ଯୋଗୁ ଆଜିଯାଏଁ ଅସୁବିଧାର ସମ୍ମୁଖୀନ ହୋଇଆସିଛି ଭାରତରୁ ୟୁରୋପ ପର୍ଯ୍ୟନ୍ତ ହେବାକୁ ଥିବା ସାମୁଦ୍ରିକ ଏବଂ ରେଳପଥ ମାଧ୍ୟମରେ ମୁମ୍ବାଇରୁ ଦୁବାଇର ଜାବେଲ ଅଲି ବନ୍ଦର ଦେଇ ଅଲ୍ ଘେଓ୍ୱେଫତ -ହରାଧ-ରିୟାଦ-ଅଲ୍ ହଦିଆ -ହାଇଫା ବନ୍ଦରଯାଏ ମାଲ ପରିବହନ ହୋଇ ସେଠାରୁ ଗ୍ରୀସର ପିରାଅସ୍ ବନ୍ଦର ଦେଇ ୟୁରୋପରେ ପ୍ରବେଶ କରିବ ବୋଲି ଲକ୍ଷ୍ୟ ରଖାଯାଇଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପଶ୍ଚିମ ଭାରତର ଅନେକ ବନ୍ଦରରୁ ମାଲ ସିଧାସଳଖ ଦୁବାଇ ଯାଇ ସେଠାରୁ ଆଗକୁ ଯାଇପାରିବ । ପ୍ରାୟ ୬୦୦୦କିମି ରେଳପଥ ନିର୍ମାଣରେ ଭାରତର ଜ୍ଞାନକୌଶଳ, ଅର୍ଥ ଏବଂ ଯୋଜନା ରହିବ । ଏହି ମାର୍ଗରେ ଇଣ୍ଟରନେଟ, ଗ୍ୟାସ ପାଇପଲାଇନ୍, ବିଦ୍ୟୁତ ଯୋଗାଣ ପାଇଁ ପାଓ୍ୱାର ଗ୍ରୀଡ ଲାଇନ ସମୁଦ୍ରରେ ବିଛାଯିବ । ତଦ୍ୱାରା ଭାରତର ବିଦ୍ୟୁତଶକ୍ତି ମଧ୍ୟପ୍ରାଚ୍ୟର ଅନେକ ଦେଶକୁ ଯାଇପାରିବ । ମଧ୍ୟପ୍ରାଚ୍ୟରେ ଏହି ପ୍ରକଳ୍ପ ଯୋଗୁ ଆଗାମୀ ଦିନରେ ଅଧିକ ରୋଜଗାର ସୁଯୋଗ ସୃଷ୍ଟି ହେବ । ଆଗାମୀ ୬୦ଦିନ ମଧ୍ୟରେ ଏହି ପ୍ରକଳ୍ପର ବିକାଶ ନେଇ ଆଲୋଚନା ହେବ ଏବଂ ପରବର୍ତ୍ତୀ ଜି୨୧ ବୈଠକ ଆଭାସୀ ବ୍ୟବସ୍ଥାରେ ନଭେମ୍ବରରେ ହେବା ସମ୍ଭାବନା ରହିଛି । ଏହି ବାଣିଜ୍ୟିକ ମାର୍ଗ ପରବର୍ତ୍ତୀ କାଳରେ ଆଫ୍ରିକୀୟ ରାଷ୍ଟ୍ରଗୁଡିକ ସହ ଭାରତକୁ ଯୋଡିପାରିବ । ଯାହା ଫଳରେ ଏହି ମାର୍ଗରେ ପ୍ରାୟ ୧୦୦ ଦେଶକୁ ଭାରତ ରପ୍ତାନି କରିବାକୁ ସକ୍ଷମ ହେବ । ଜି୨୦ର ଅନ୍ୟ ଏକ ସଫଳତା ହେଲା ଜୈବ ଇନ୍ଧନ ସାମ୍ମୁଖ୍ୟ ଗଠନ । ପେଟ୍ରୋଲକୁ ଶସ୍ତା କରିବା ଏବଂ ପ୍ରଦୂଷଣ ହ୍ରାସ ପାଇଁ ୨୦ ପ୍ରତିଶତ ଜୈବ ଇନ୍ଧନ ମିଶ୍ରଣ କରିବାରେ ଭାରତ ସଫଳ ହୋଇଛି । ୮୦ ପ୍ରତିଶତ ପେଟ୍ରୋଲରେ ୨୦ ପ୍ରତିଶତ ଇଥାନଲ ମିଶାଇଲେ ପେଟ୍ରୋଲର ମୂଲ୍ୟହ୍ରାସ ସହ ପ୍ରଦୂଷଣ ହ୍ରାସ ହୋଇପାରୁଛି । ଏହି ଜ୍ଞାନକୌଶଳକୁ ବିକାଶଶୀଳ ରାଷ୍ଟ୍ରଙ୍କୁ ଦେବା ସହ ଏ କ୍ଷେତ୍ରରେ ନେତୃତ୍ୱ ନେବାକୁ ଭାରତର ଆଗ୍ରହ ରହିଛି । ବୈଠକ କାଳରେ ଆମେରିକା, ଅମିରାତ, ଦକ୍ଷିଣ ଆଫ୍ରିକା, ମରିସସ୍, ଇଟାଲୀ, ବ୍ରାଜିଲ, ବଙ୍ଗଳାଦେଶ, ଆର୍ଜେଣ୍ଟିନା ଏବଂ ଭାରତର ରାଷ୍ଟ୍ରମୁଖ୍ୟ ଏହି ସାମ୍ମୁଖ୍ୟରେ ସାମିଲ ହୋଇଥିଲେ । କାନାଡା ଏବଂ ସିଙ୍ଗାପୁର ଏଥିରେ ପରିଦର୍ଶକ ରାଷ୍ଟ୍ରଭାବେ ଯୋଗ ଦେଇଥିଲେ । ବିଗତ ଦିନରେ ପୃଥିବୀର ପ୍ରଥମ ମିଶ୍ରିତ ଇନ୍ଧନରେ ଚାଲୁଥିବା ମୋଟରଯାନକୁ ନିତିନ ଗଡକରୀ ପ୍ରଥମେ ଭାରତରେ ଚାଲୁକରିଥିଲେ । ଟୋୟୋଟା-ଇନୋଭା ହାଇକ୍ରସ ମଡେଲର ଗାଡି ଅଖୁରୁ ପ୍ରସ୍ତୁତ ଏହି ଇଥାନଲ ମିଶ୍ରିତ ଇନ୍ଧନରେ ଚାଲିପାରୁଛି । ୨୦୭୦ ସୁଦ୍ଧା ଭାରତ ପ୍ରଦୂଷଣମୁକ୍ତ ହେବାକୁ ଲକ୍ଷ୍ୟ ରଖିଥିବା ହେତୁ ଆଗାମୀ ଦିନରେ ଏହା ବେଶ୍ ସହାୟକ ହେବ । ମ୍ୟୁନିସିପାଲିଟୀର କଠିନ ବର୍ଯ୍ୟ, ଆଖୁ, ନଡା, ଚଷୁ ଆଦିରୁ ଇନ୍ଧନ ଉତ୍ପାଦନ ପାଇଁ ଏହି ପ୍ରକଳ୍ପ ବିକାଶଶୀଳ ରାଷ୍ଟ୍ରମାନଙ୍କ ପାଇଁ ବରଦାନ ହେବ । ଏହାଛଡା ଜୈବିକ ଗ୍ୟାସ ପ୍ରସ୍ତୁତି ପାଇଁ ପ୍ରୟାସ ଜାରି ଥିଲାବେଳେ ଶୁଦ୍ଧ, ପ୍ରଦୂଷଣ ରହିତ ଶକ୍ତି ଉତ୍ସ ବିକାଶ ପାଇଁ ସହାୟକ ହେବ ।

ଏହି ଶିଖର ବୈଠକ ପୂର୍ବରୁ ଚୀନ ସରକାର ନିଜର ବିବଦମାନ ମାନଚିତ୍ର ପ୍ରକାଶ କରିବା, ଚୀନ ରାଷ୍ଟ୍ରପତି ଭାରତ ଗସ୍ତ ରଦ୍ଦ କରିବା, ଋଷିଆ ରାଷ୍ଟ୍ରପତି ପୁଟିନ ଭାରତଗସ୍ତରେ ଆସିବାକୁ ମନା କରିବା ଦ୍ୱାରା ଗଣମାଧ୍ୟମରେ ଅନେକ ଉଡାଖବର ଏବଂ ସନ୍ଦେହ ପ୍ରକାଶ ପାଇଥିଲା । ଏପରିକି ବିରୋଧୀ ଦଳ କଂଗ୍ରେସର ଅନେକ ନେତା ଦେଶରୁ ବିଦେଶଯାଏଁ ଜି୨୦ର ବ୍ୟବସ୍ଥାକୁ ନେଇ ଆପତ୍ତି ଉଠାଇଥିଲେ । ଅନେକ ଅଯଥା ବକ୍ତବ୍ୟ ଦେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଚେଷ୍ଟା ମଧ୍ୟ କରିଥିଲେ । ଖଡ୍‌ଗେ ଏବଂ ସୋନିଆଙ୍କୁ ନିମନ୍ତ୍ରିତ କରା ନ ଯିବା କଥା କହିଥିଲେ । ରାହୁଲ ଗାନ୍ଧି ଦେଶଛାଡି ପୂର୍ବରୁ ବିଦେଶ ଚାଲିଯାଇ ସେଠାରେ ଭାରତ ବିରୋଧୀ ସାଂସଦମାନଙ୍କ ସହ ସାକ୍ଷାତ କରିଥିଲେ । କେତେକ କଂଗ୍ରେସୀ ମୁଖ୍ୟମନ୍ତ୍ରୀ ବୈଠକରେ ଯୋଗ ନଦେବାକୁ ମଧ୍ୟ ଘୋଷଣା କରିଥିଲେ । ଏସବୁ ସତ୍ତ୍ୱେ ଅନେକ ରାଜ୍ୟର ବିରୋଧୀଦଳର ମୁଖ୍ୟମନ୍ତ୍ରୀ ରାଷ୍ଟ୍ରପତିଙ୍କ ଭୋଜିରେ ଯୋଗ ଦେଇଥିଲେ । ବିହାରର ନୀତିଶ କୁମାର ଏବଂ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତାଙ୍କୁ ଜୋ ବାଇଡେନ୍‌ଙ୍କ ସହ ନରେନ୍ଦ୍ର ମୋଦି ପରିଚୟ କରାଇବା ଦୃଶ୍ୟ ଅନେକଙ୍କୁ ଚକିତ କରିଥିଲା ।

ଜି ୨୦ ବୈଠକ ଆୟୋଜନସ୍ଥଳୀରେ ଭାରତର ଐତିହ୍ୟସ୍ଥଳୀର ଝଲକ ରହିଥିଲା । ପ୍ରତିନିଧିମାନଙ୍କୁ ପ୍ରଧାନମନ୍ତ୍ରୀ ମୋଦି କୋଣାର୍କର ଚକ୍ର ଲାଗିଥିବା ସ୍ଥାନରେ ଛିଡା ହୋଇ ସ୍ୱାଗତ କରିବା ସହ ଜୋ ବାଇଡେନଙ୍କୁ ସୂର୍ଯ୍ୟମନ୍ଦିରର ଗୁରୁତ୍ୱ ଏବଂ ପ୍ରାଚୀନ ମୂର୍ତ୍ତିକଳା ସଂପର୍କରେ ବୁଝାଉଥିବା ଦେଖାଯାଇଥିଲା । ସେମିତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ନାଳନ୍ଦାର ଛବି ଲାଗିଥିବା ସ୍ଥାନରେ ରାଷ୍ଟ୍ରନେତାମାନଙ୍କୁ ଡାକି ପ୍ରଧାନମନ୍ତ୍ରୀ ମୋଦି ଫଟୋ ଉଠାଉଥିବା ପଛରେ ସାଂସ୍କୃତିକ ସନ୍ଦେଶ ରହିଥିଲା । ଭାରତର ପ୍ରାଚୀନ ବିଶ୍ୱବିଦ୍ୟାଳୟ ଓ ଗବେଷଣାସ୍ଥଳୀ ସହ ବିଶ୍ୱକୁ ପରିଚିତ କରାଇବା ଥିଲା ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ । ଠିକ୍ ସେହିପରି ଭିନ୍ନ ଭିନ୍ନ ରାଜ୍ୟର ଶିଳ୍ପୀମାନଙ୍କର ସ୍ୱତନ୍ତ୍ର ଷ୍ଟଲ ଖୋଲି ସେମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପକୁ ବିଶ୍ୱର ନେତୃବୃନ୍ଦଙ୍କୁ ଦେଖାଇବା ଲାଗି ଯେପରି ବ୍ୟବସ୍ଥା ହୋଇଥିଲା ତଦ୍ୱାରା ଅନେକ ଶିଳ୍ପୀ ସିଧାସଳଖ ଏତେବଡ ମଞ୍ଚରେ ନିଜର କାରୁକାର୍ଯ୍ୟର ପ୍ରଦର୍ଶନ ପାଇଁ ସୁଯୋଗ ଲାଭ କଲେ ।

ସେହିପରି ରାଷ୍ଟ୍ରପତିଙ୍କ ଭୋଜିରେ ଦେଶର ଭିନ୍ନ ଭିନ୍ନ ରାଜ୍ୟର ୫୦୦ ପ୍ରକାର ବ୍ୟଞ୍ଜନ ୨୭୦୦ ରୋଷେୟାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିଲ । ପ୍ରତିନିଧିମାନେ ଆମିଷମୁକ୍ତ ଏହି ୫୦୦ ପ୍ରକାରର ବ୍ୟଞ୍ଜନ ଦେଖି ମୁଗ୍ଧ ହେବା ସହ ଖାଇବାର ତୃପ୍ତି ଲାଭ କରିଥିଲେ । ଏଥିରେ ଆନ୍ଧ୍ରର ଦୋସା, ମହାରାଷ୍ଟ୍ରର ବଡାପାଉଁ, ବିହାରର ଲିଟିଚୋଖା, ପଞ୍ଜାବର ଡାଲି ତଡକା, ଜିରା ପଲାଉ, ଉତ୍ତରପ୍ରଦେଶର ମଶୁର ଡାଲି, ପନିର ତଡକା ଆଦିର ପରିବେଷଣ ହୋଇଥିଲା । ପ୍ରତିନିଧିମାନେ ଆଲୋଚନା, ଆୟୋଜନ ବ୍ୟବସ୍ଥା, ସାଂସ୍କୃତିକ ଦର୍ଶନ ଓ ବହୁବିଧ ଭୋଜନରେ ମୁଗ୍ଧ ହୋଇଥିଲେ । ରାଷ୍ଟ୍ରନେତାମାନେ ସାମୂହିକ ଭାବେ ରାଜଘାଟରେ ଶ୍ରଦ୍ଧାଞ୍ଜଳି ଜଣାଇବା ଦୃଶ୍ୟ ଥିଲା ବଡ ଚମତ୍କାର । ବ୍ରାଜିଲର ରାଷ୍ଟ୍ରପତି ଲୁଲା ଦା ସିଲ୍‌ଭା ଶ୍ରଦ୍ଧାଞ୍ଜଳି ସମୟରେ ନିଜର ଭାବାବେଗକୁ ଅଟକାଇ ନପାରି ମହାତ୍ମାଗାନ୍ଧିଙ୍କ ସଂଗ୍ରାମ କିପରି ତାଙ୍କୁ ଶ୍ରମିକ ଆନ୍ଦୋଳନ ପାଇଁ ପ୍ରୋତ୍ସାହିତ କରିଥିଲା ତାହା ପ୍ରକାଶ କରିଥିଲେ ।

ବିଶ୍ୱମଞ୍ଚରେ ଦେଶକୁ ନୂଆ ନାମରେ ପରିଚିତ କରିଛନ୍ତି ନରେନ୍ଦ୍ର ମୋଦି । ଦେଶର ନାମ 'ଇଣ୍ଡିଆ' ବଦଳରେ ଏବେ 'ଭାରତ' ବ୍ୟବହାର ହେଲା । ସମ୍ବିଧାନରେ ଥିବା ଇଣ୍ଡିଆ ଦ୍ୟାଟ ଇଜ୍ ଭାରତକୁ ଏବେ ବାସ୍ତବ ରୂପ ଦିଆଯାଇଛି । ସାଧାରଣଙ୍କ ନାମକୁ ଗ୍ରହଣ କରାଯାଇଛି । ନୂତନ ଭାରତକୁ ନୂଆ ନାମରେ ଜଗତ ସମ୍ମୁଖରେ ପ୍ରଧାନମନ୍ତ୍ରୀ ଉପସ୍ଥାପନ କରିଛନ୍ତି । ଦେଶର ସ୍ୱାଭିମାନ, ସମ୍ମାନ, ଶକ୍ତି, ସହାନୁଭୂତି, ସମ୍ବେଦନା ସହ ଅନ୍ୟମାନଙ୍କୁ ପରିଚିତ କରାଇଛନ୍ତି । ୨୦୪୭ ସୁଦ୍ଧା ଦେଶକୁ ବିକଶିତ ରାଷ୍ଟ୍ର ରୂପରେ ଗଢି ତୋଳିବାର ସ୍ୱପ୍ନ ନେଇ ଚାଲିଥିବା ପ୍ରଧାନମନ୍ତ୍ରୀଙ୍କ ଏହା ଏକ ସଫଳ ପଦକ୍ଷେପ ନିଶ୍ଚୟ । ଜି୨୦ର ବିଶ୍ୱମଞ୍ଚକୁ ଭବିଷ୍ୟତ ଭାରତର ମୂଳଦୁଆ ପାଇଁ ସେ ଉପଯୋଗ କରିଛନ୍ତି । ଆମେରିକାରେ ୬ଜି ନେଟୱାର୍କର ପ୍ରସାର, ଦେଶରେ ବିଦେଶୀ ପ୍ରତିରକ୍ଷା ସାମଗ୍ରୀର ସେବା ଓ ନବୀକରଣ, ଯୁଦ୍ଧପୋତ ନିର୍ମାଣରେ ଆଧୁନିକ ଟେକ୍‌ନୋଲୋଜିର ଉପଯୋଗ ସହ ଭାରତକୁ ଆତ୍ମନିର୍ଭର କରି ଆତ୍ମାଭିମାନ ସ୍ତରକୁ ନେବାକୁ ପ୍ରୟାସ କରିଛନ୍ତି । ପ୍ରଧାନମନ୍ତ୍ରୀ ବିଶ୍ୱରେ ହିନ୍ଦୀ ଭାଷାରେ ଭାଷଣ ଦେଲାବେଳେ ଯେଉଁ ଭାରତର ବର୍ଣ୍ଣନା ବାରମ୍ବାର କରିଆସୁଥିଲେ ଏବେ ତା'ସହ ବିଶ୍ୱକୁ ମୁହାଁମୁହିଁ କରାଇଛନ୍ତି । ତେବେ ପ୍ରଧାନମନ୍ତ୍ରୀଙ୍କର ଏହା ଏକ ମାଷ୍ଟରଷ୍ଟ୍ରୋକ୍ ନିଶ୍ଚୟ । ଜି୨୦ ଶିଖର ବୈଠକରେ ସଂସ୍କୃତର ବସୁଧୈବ କୁଟୁମ୍ବକମ୍ ବିଚାରକୁ ସ୍ଥାନ ଦେବାକୁ କେନ୍ଦ୍ର କରି ଚୀନ ସରକାର ପ୍ରଶ୍ନବାଚୀ ଛିଡା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସମର୍ଥନ ପାଇନ ଥିଲେ । ନରେନ୍ଦ୍ର ମୋଦିଙ୍କ କାର୍ଯ୍ୟନିଷ୍ଠା, ଆୟୋଜନରେ ବ୍ୟାପକତା, ସହମତି ସ୍ଥାପନରେ କୂଟନୀତିକ କୌଶଳର ଦକ୍ଷତା ଦେଖି ବିଶ୍ୱ ନେତୃବୃନ୍ଦ ଚକିତ ହୋଇଥିଲେ । ଏତେ କମ୍ ସମୟରେ ଏତେ ବିଷୟରେ ଆଲୋଚନା ଏବଂ ଏତେ ଭବିଷ୍ୟତ ଯୋଜନା ଦେଖି ସେମାନେ ମୋଦିଙ୍କ ନେତୃତ୍ୱକୁ ପ୍ରଶଂସା କରିଥିଲେ । କାଶ୍ମୀରରୁ କେରଳ, ଗୌହାଟୀରୁ ଗୁଜରାଟ ପର୍ଯ୍ୟନ୍ତ ଜି୨୦ ଗୋଷ୍ଠୀଗତ ବୈଠକର ଆୟୋଜନ କରି ଭାରତ ଯେଉଁ ମାଇଲଖୁଣ୍ଟ ସ୍ଥାପନ କରିଛି ତାକୁ ଅତିକ୍ରମ କରିବାକୁ ଅନ୍ୟମାନଙ୍କ ପାଇଁ ଅନେକ ସମୟ ଲାଗିବ ଏଥିରେ ସନ୍ଦେହ ନାହିଁ ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*




# ଯୁଦ୍ଧାୟ କୃତନିଶ୍ଚୟ...



୨୦୦୩ ମସିହା ଅକ୍ଟୋବର ୩୧ ତାରିଖରେ ଜାତିସଂଘର ଆନୁଷ୍ଠାନିକ ବୈଠକରେ ନିଷ୍ପତ୍ତି (ସଂଖ୍ୟା-୫୮/୪) ଗ୍ରହଣ କରାଗଲା ଯେ ଡ୍ରଗ୍ସ ଆଣ୍ଡ କ୍ରାଇମର ଜାତିସଙ୍ଘ କାର୍ଯ୍ୟାଳୟକୁ ଏହାର ସଚିବାଳୟରେ ପରିବର୍ତ୍ତିତ କରାଯିବ। ଦୁର୍ନୀତି ପ୍ରତି ସଚେତନତା ସୃଷ୍ଟି ଏବଂ ଏହାର ମୁକାବିଲା ଓ ପ୍ରତିରୋଧ କରିବାରେ ଜାତିସଙ୍ଘର ଭୂମିକା ବିଷୟରେ ଅବଗତ କରାଇବା ପାଇଁ ୯ ଡିସେମ୍ବରକୁ ଅନ୍ତର୍ଜାତୀୟ ଦୁର୍ନୀତି ବିରୋଧୀ ଦିବସ ଭାବେ ଘୋଷଣା କରାଗଲା। ଡିସେମ୍ବର ୨୦୦୫ରେ ଏହା କାର୍ଯ୍ୟକାରୀ ହେଲା। ଦୁର୍ନୀତି ଏକ ଜଟିଳ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ବ୍ୟାଧି, ଯାହା ସମଗ୍ର ବିଶ୍ୱକୁ କବଳିତ କରିଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ଭିତ୍ତିଭୂମିକୁ ଦୁର୍ବଳ କରିବା ସହ ଅର୍ଥନୈତିକ ବିକାଶକୁ ଏହା ମନ୍ଥର କରିଚାଲିଛି। ସରକାରୀ ଅସ୍ଥିରତାର କାରକ ସାଜିଛି ଭ୍ରଷ୍ଟାଚାର। ନିର୍ବାଚନ ପ୍ରକ୍ରିୟାକୁ ବିକୃତ କରି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର ମୂଳଦୁଆକୁ ଆକ୍ରମଣ କରିଚାଲିଛି। ଆଇନ କାନୁନ ଉଲ୍ଲଂଘନ କରିବା ସହ ଅମଲାତନ୍ତ୍ର ସମ୍ବନ୍ଧୀୟ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରୁଛି। ଏସବୁ ତିଷ୍ଠିବାର ଏକମାତ୍ର କାରଣ ହେଉଛି ଲାଞ୍ଚ। ବିଦେଶୀ ପ୍ରତ୍ୟକ୍ଷ ନିବେଶ ହତୋତ୍ସାହିତ କରାଯିବାରୁ ଅର୍ଥନୈତିକ ବିକାଶ ହୋଇପାରୁନାହିଁ। ଦୁର୍ନୀତି ଯୋଗୁଁ ବ୍ୟବସାୟ ଆରମ୍ଭ ପାଇଁ ଆବଶ୍ୟକ ଅର୍ଥ ମିଳିପାରୁନାହିଁ, ଯାହାଦ୍ୱାରା ଦେଶରେ କ୍ଷୁଦ୍ର ବ୍ୟବସାୟ ଅଧିକାଂଶ ସମୟରେ ଅସମ୍ଭବ ହେଉଛି। ଭାରତୀୟ ଗଣତାନ୍ତ୍ରିକ ଓ ପ୍ରଶାସନିକ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଥିବା ଭାରତରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁକ୍ଷେତ୍ରରେ ଭୂମିକା ଗ୍ରହଣ କରାଯାଉଛି। ତଥାପି ଆଜି ସମାଜର ସବୁଠି ଓ ସବୁକ୍ଷେତ୍ରରେ ଏହାର କାୟା ବଢ଼ିବାରେ ଲାଗିଛି। ଏପରି ଏକ ସମୟ ପହଞ୍ଚିଲାଣି ବିନା ଦୁର୍ନୀତିରେ, ପ୍ରିୟାପ୍ରୀତିରେ ସତେ ଯେପରି ଖଣ୍ଡିଏ କାଗଜ ବି ସରକାରଙ୍କ ଦପ୍ତର ଠାରୁ ବେସରକାର ଦପ୍ତରରେ ମଧ୍ୟ ଉଠି ନଥିବାର ଅଭିଯୋଗ ହୁଏ। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗମନାଗମନ, ଯୋଗାଯୋଗ, ପ୍ରଯୁକ୍ତି ଠାରୁ ସବୁ କ୍ଷେତ୍ରରେ ଦୁର୍ନୀତିର ବିଭିନ୍ନ ରୂପ ଅନେକ ସମୟରେ ଦେଖାଯାଏ ଯାହାକୁ ନେଇ ଗଣମାଧ୍ୟମରେ ବିସ୍ତୃତ ଖବର ପ୍ରକାଶ ପାଏ। ଜଣେ ରାଜନେତା ଏକଦା ପରିହାସ ଛଳରେ କହିଥିଲେ ଯେ 'ଦୁର୍ନୀତିକୁ ନୀତି କରିଦେଲେ ଆଉ କିଛି ଅସୁବିଧା ରହିବ ନାହିଁ।' ଦୁର୍ନୀତି ଅର୍ଥ ନୀତିଠାରୁ ଦୂର। ନ୍ୟାୟ ଓ ଧର୍ମର ବିରୋଧୀ ଅନ୍ୟାୟ ନୀତି, ଅସତ୍ ଆଚରଣ ବା ଅସତ୍ କର୍ମକୁ ଦୁର୍ନୀତି କୁହାଯାଏ।

ଜାତି, ଧର୍ମ, ବର୍ଣ୍ଣ, ବିଦ୍ୟା ଓ ସଭ୍ୟତା ନିର୍ବିଶେଷରେ ଉପର ଠାରୁ ତଳ ପର୍ଯ୍ୟନ୍ତ ଏହି ଦୁର୍ନୀତିର ଚେର ବ୍ୟାପିଯାଇଛି ଓ ସମାଜକୁ ପଙ୍ଗୁ କରିଦେଇଛି। ନୀତି ବିହୀନ ମନୁଷ୍ୟ ପଶୁ ସହିତ ସମାନ। ଏହି ପାଶବିକ ପ୍ରବୃତ୍ତି ମଧ୍ୟରେ ମନୁଷ୍ୟର ଦୁର୍ବଳତା, କାମ, କ୍ରୋଧ, ମଦ, ଲୋଭ, ମାତ୍ସର୍ଯ୍ୟ ଓ ଅହଂକାର ଇତ୍ୟାଦି ଲୁଚି ରହିଛି। ତେଣୁ ଏହି ପ୍ରବୃତ୍ତି ବା ଭ୍ରଷ୍ଟାଚାରମୁକ୍ତ ସମାଜ ଗଠନ ପାଇଁ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାନବ ସମାଜକୁ ଆହ୍ୱାନ ଦେଇ କହିଲେ - ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ, ସାବଧାନ ହୁଅ - ଠକି ଯିବ; ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି - ଫାଙ୍କି ଦେଲେ ତାହା ହିଁ ପାଇବ। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସମସ୍ତଙ୍କୁ ସତର୍କ କରି କହିଛନ୍ତି- ସବୁ ସମୟ ସ୍ମରଣ ରଖ, ସଜାଗ ରୁହ ସତର୍କତାର ସହିତ, କାହାର ଅକୃତଜ୍ଞତା, ବିଶ୍ୱାସଘାତକତା, ଚୌର୍ଯ୍ୟପ୍ରବୃତ୍ତି, ଦାୟିତ୍ୱହୀନତା ଓ ସେବା ବିମୁଖତାକୁ ପ୍ରଶୟ ଦିଅନାହିଁ। ଏହା ହେଉଛି ସତ୍ତା ସମ୍ବର୍ଦ୍ଧନାର ସର୍ବନାଶ ବିଷାକ୍ତ ପ୍ରବୃତ୍ତି। ଏହି ଦୁର୍ନୀତିରେ ବୁଡ଼ି ବୁଡ଼ି ମନୁଷ୍ୟ ସୁନୀତିକୁ ଭୁଲିଯାଇଛି। ବଦ୍ ଅଭ୍ୟାସରେ ରହି ସତ୍ ଅଭ୍ୟାସକୁ ଭୁଲି ଯାଇଛି, ଏହି ଦୁର୍ନୀତିକୁ ପ୍ରତିରୋଧ କରିବା ପାଇଁ ସଂଗ୍ରାମର ଆବଶ୍ୟକତା ରହିଛି। ଯେଉଁମାନେ ନିରୋଧ କରିବେ ସେମାନେ ହେବେ ବୀର ପୁରୁଷ। ପ୍ରରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଆବେଗପୂର୍ଣ୍ଣ ଭାବରେ କହିଛନ୍ତି - ଚୋରି କରନାହିଁ; ଚାହିଦାରେ ଘୃଷ୍ଟ ବୁଦ୍ଧିବୃତ୍ତି କାହାକୁ ମଧ୍ୟ ଉଦ୍‌ବୃତ୍ତ ନକରି ଅନ୍ୟାଯ୍ୟଭାବରେ, ଅଜ୍ଞାତସାରରେ ପରିପୂରିତ ହେବାକୁ ଚାହେଁ - ତାହା ହିଁ ଚୌର୍ଯ୍ୟ; ଚୌର୍ଯ୍ୟରେ ବୁଦ୍ଧିବୃତ୍ତି ଦିନୁ ଦିନ ଅନ୍ୟର କ୍ଷତିକରି ଅପକର୍ଷ ପ୍ରତି ଧାବିତ ହୁଏ ବୋଲି ଅର୍ଥାତ୍, କରିବା ଭିତର ଦେଇ ଯେପରି ଭାବରେ ଚାହିଦାକୁ ପୂରଣ କଲେ ବୋଧ ଓ ଜ୍ଞାନର ଉନ୍ମେଷରେ ତାହା ମିଳିଯାଏ - ତାହା ହିଁ ଚୌର୍ଯ୍ୟରେ ଆହତ ଓ ଅବସନ୍ନ ହୋଇ ଅଧର୍ମକୁ ଆଲିଙ୍ଗନ କରେ ବୋଲି ଏତେ ଘୃଣ୍ୟ, ଏତେ ପାପ, ଏତେ ହୀନତା - ତେଣୁ କୁହେ, ଏହି ଚୌର୍ଯ୍ୟ ବୁଦ୍ଧିକୁ ପ୍ରଶ୍ରୟ ଦେଇ ତୁମର ଓ ତୁମ ପାରିପାର୍ଶ୍ୱିକର ସର୍ବନାଶ କରନା, ସାବଧାନ ହୁଅ। ଏହି ପ୍ରସଙ୍ଗରେ ପୁନର୍ବାର ଯୁଗାବତାର କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ତାଙ୍କର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥର ପ୍ରଥମ ପୃଷ୍ଠାରେ ଉଲ୍ଲେଖ କଲେ - ସର୍ବପ୍ରଥମ ଆତ୍ମମାନଙ୍କୁ ଦୁର୍ବଳତା ବିରୁଦ୍ଧରେ ଯୁଦ୍ଧ କରିବାକୁ ହେବ। ସାହସୀ ହେବାକୁ ହେବ, ବୀର ହେବାକୁ ହେବ। ପାପର ଜ୍ୱଳନ୍ତ ପ୍ରତିମୂର୍ତ୍ତି ଏହି ଦୁର୍ବଳତା। ତତ, ଯେତେ ଶୀଘ୍ର ପାର ଏହି ରକ୍ତଶୋଷଣକାରୀ ଅବସାଦ ଉତ୍ପାଦକ ଭେମ୍ପେୟାରକୁ (ବାଦୁଡ଼ି)। ସ୍ମରଣ କର ତୁମେ ସାହସୀ, ସ୍ମରଣ କର ତୁମେ ଶକ୍ତିର ତନ୍ମୟ, ସ୍ମରଣ କର ତୁମେ ପରମପିତାଙ୍କର ସନ୍ତାନ। ଏହି ଦୁର୍ନୀତି ବିରୋଧୀ ଆତ୍ମ ସଂଶୋଧନ ଇଚ୍ଛୁକ ବୀରମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କରି କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ। ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କର ହୁକୁମ ପାଇଲେ ଆନନ୍ଦ, ତାଙ୍କର ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କରି କହୁଛି ତୁମର ଉନ୍ନୟନ ନିମିତ୍ତ ଆଉ ଭାବିବାକୁ ହେବନାହିଁ। ଆଜି ବିଶ୍ୱ ଦୁର୍ନୀତି ନିରୋଧ ଦିବସ ଅବସରରେ ଆମ ସମସ୍ତଙ୍କ ଭିତରେ ଦୁର୍ନୀତି ବିରୋଧରେ ଚେତନାକୁ ଜାଗ୍ରତ କରିବା ସହ ଏହାକୁ କାର୍ଯ୍ୟରେ କରି ଦେଖାଇଲେ ଏହି ଦିବସର ତାତ୍ପର୍ଯ୍ୟ ଗୁରୁତ୍ୱ ରଖନ୍ତା।

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**
*ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

## ନିଲମ୍ବିତ ଏମବିକେଙ୍କୁ ପୁନଃନିଯୁକ୍ତି

ଧର୍ମଶାଳା (ପିଏନ୍): ଗତ ପଂଚାୟତ ନିର୍ବାଚନରେ ଶାସକ ଦଳର ଚାପରେ କାର୍ଯ୍ୟରୁ ନିଲମ୍ବିତ ହୋଇଥିବା ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଏମବିକେ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରା ପୁନଃନିଯୁକ୍ତି ନିଷ୍ପତିକୁ ପଂଚାୟତବାସୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି। ସୂଚନା ଅନୁଯାୟୀ ୨୦୨୨ ପଂଚାୟତ ନିର୍ବାଚନରେ ଧର୍ମଶାଳା ବ୍ଲକ କୁମାରୀ ପଂଚାୟତର ଏମବିକେ ଝୁନୁବାଳା ଦାସ ନିର୍ବାଚନ ଅଚରଣବିଧି ଉଲଘଂନ ଅଭିଯୋଗ ଆଣି ଶାସକଦଳ ପକ୍ଷରୁ ଚାପ ପ୍ରୟୋଗ କରାଯାଇ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏହା ବିରୁଦ୍ଧରେ ଝୁନୁବାଳା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୫୧୩୮/୨୨ରେ ଏକ କେଶ କରି ଘଟଣାର ବିଚାର କରି ଝୁନୁବାଳାଙ୍କୁ ପୁନଃନିଯୁକ୍ତି ଦେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁସାରେ ଜିଲ୍ଲାପାଳ ଚକ୍ରବର୍ତୀ ସିଂ ରାଠୋର ପତ୍ରସଂଖ୍ୟା ୫୬୭୨ ତା.୨୮/୧୧/୨୨ରେ ଝୁନୁବାଳାଙ୍କୁ ପୁନଃ ନିଯୁକ୍ତି ଦେବା ଲାଗି ବ୍ଲକକୁ ଜଣାଇଥିଲେ। ପୁନଃନିଯୁକ୍ତି ପାଇବା ପରେ କୁମାରୀ ପଂଚାୟତର ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଝୁନୁବାଳାଙ୍କୁ ପଂଚାୟତ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆଣିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ପ୍ରତିଷ୍ଠା ଦିବସ



ଧର୍ମଶାଳା (ପିଏନ୍): ଧର୍ମଶାଳା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ୨୫ତମ ପ୍ରତିଷ୍ଠା ଦିବସ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଯୁଧିଷ୍ଠିର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ଶ୍ରୀଧର ମହାପାତ୍ର ଓ ଅଭିରାମ ନନ୍ଦ ଯୋଗଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବରିଷ୍ଠ ସଭ୍ୟ ବୀରକିଶୋର ଦାସ, ବୃନ୍ଦାବନ ଦାସ, ଶୁକଦେବ ପତିଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତିଷ୍ଠାତା ସଭ୍ୟ ସୁଦର୍ଶନ ଶତପଥୀଙ୍କୁ ମରଣୋତର ସମ୍ମାନ ତାଙ୍କ ପୁତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏହି ସଭାରେ ସହସମ୍ପାଦକ ଆଦିକନ୍ଦ ସ୍ୱାଇଁ ବିବରଣୀ ପାଠ କରିଥିବା ବେଳେ ସମ୍ପାଦକ ବିବେକାନନ୍ଦ ନାୟକ ସ୍ୱାଗତ ଜଣାଇ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଆସନ୍ତା ଫେବୃଆରୀ ୫ ତାରିଖରେ ସଙ୍ଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାପାଇଁ ସ୍ଥିର କରାଯାଇଥିଲା। ଏହି ଉତ୍ସବରେ ଯାଜପୁର ସାଂସଦ ଓ ସ୍ଥାନୀୟ ବିଧାୟକ ଯୋଗଦେବା ପାଇଁ ସ୍ଥିର କରାଯାଇଛି। ଶେଷରେ ବ୍ରଜ କିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫେସର ଗଗନେନ୍ଦ୍ର ଦାଶଙ୍କ ବିୟୋଗରେ ଶୋକସଭା

ଧର୍ମଶାଳା (ପିଏନ୍): ପ୍ରଖ୍ୟାତ ଭାଷାତତ୍ୱବିତ ଓ ସମାଲୋଚକ ପ୍ରଫେସର ଗଗନେନ୍ଦ୍ର ନାଥଦାଶଙ୍କ ବିୟୋଗରେ ଏକ ଶୋକସଭା ଗୋକର୍ଣ୍ଣିକା ସାହିତ୍ୟ ସମାଜ ଅନୁକୁଲ୍ୟରେ ଜାରକାସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ଏଥିରେ ସଭାପତିତ୍ୱ କରିଥିଲେ। କିଶ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ବିଜୟ କୁମାର ଶତପଥୀ, ଭଦ୍ରକ କଲେଜ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ସେଠୀ, ମଧୁପୁର କଲେଜ ଅଧ୍ୟାପକ ଡ. ତୁହିନାଂଶୁ ରଥ ଓ ପ୍ରାକ୍ତନ ସାଧାରଣ ସମ୍ପାଦକ ବଟକୃଷ୍ଣ ପରିଡା ଯୋଗଦେଇ ପ୍ରଫେସର ଦାଶଙ୍କ ବିୟୋଗରେ ଓଡିଆ ସମାଲୋଚନା ସାହିତ୍ୟର ଅପୂରଣୀୟ କ୍ଷତି ଘଟିଲା ବୋଲି ମତପ୍ରକାଶ କରି ଶ୍ରଦ୍ଧାଂଜଳି ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମବରଦା କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢୀ, ମହିଳା କଲେଜ ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ, ପଣ୍ଡିତ ବ୍ରଜକିଶୋର ଦାସ, ଆଇନଜୀବୀ ସନ୍ତୋଷ କୁମାର ତରାଇ, ନାରାୟଣ ନନ୍ଦ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଓ କୈବଲ୍ୟ ଜ୍ୟୋତି ସମ୍ମାନ ପ୍ରଦାନ



କଟକ (ପିଏନ୍): କୈବଲ୍ୟ ସାହିତ୍ୟ ସଂସଦ ତରଫରୁ ଜଗତ କଲ୍ୟାଣ ମହାଯଜ୍ଞ, କୈବଲ୍ୟ ଜ୍ୟୋତି ସମ୍ମାନ ଏବଂ ଜଗନ୍ନାଥ ସଂସ୍କୃତି ଶୀର୍ଷକ ଆଲୋଚନା ଚକ୍ର ଧବଳେଶ୍ୱର ସାରସ୍ୱତ ଆଶ୍ରମ, ଡଙ୍ଗା ଘାଟ ବିଡ଼ାନାସୀଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅବସରରେ ଧବଳେଶ୍ୱର ସାରସ୍ୱତ ଆଶ୍ରମର ସଭାପତି ମାନସ ଚୈତନ୍ୟ ସ୍ୱାଗତ ଭାଷଣ ପ୍ରଦାନ କରି ଜଗତ କଲ୍ୟାଣ ଯଜ୍ଞର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ୱାମୀ ମାଧବ ଚୈତନ୍ୟ ମହାରାଜ ମାନବ କଲ୍ୟାଣ ସମସ୍ତଙ୍କର ଦାୟିତ୍ୱ ବୋଲି ଅତି ସରଳ ଭାବରେ ବ୍ୟାଖ୍ୟା କରିଥିଲେ। ମୁଖ୍ୟ ବକ୍ତାଭାବେ ଡକ୍ଟର ହରିହର କାନୁନଗୋ ମାନବିକ ମୂଲ୍ୟବୋଧ ଜଗନ୍ନାଥ ସଂସ୍କୃତିର ମୂଳ ମନ୍ତ୍ର ବୋଲି ଅଭିହିତ କରିଥିଲେ। ଜଗନ୍ନାଥ ପ୍ରଚାରକ ଲିଙ୍ଗରାଜ ପତି ଜଗନ୍ନାଥ ସଂସ୍କୃତି ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ବୈଦ୍ୟନାଥ ପଣ୍ଡା ଜଗନ୍ନାଥ ବ୍ରହ୍ମାଣ୍ଡରେ ଜୀବନ୍ତ ଠାକୁର ବୋଲି ତାତ୍ତ୍ୱିକ ଭାବରେ ବର୍ଣ୍ଣନା କରିଥିଲେ। ପୃଷ୍ଠଭୂମିର ସମ୍ପାଦକ କୈଳାସ ଚନ୍ଦ୍ର ଜେନା ଜଗନ୍ନାଥ ଭାବର ଠାକୁର ବୋଲି ମତବ୍ୟକ୍ତ ରଖିଥିଲେ। ସ୍ୱାମୀ ଅଭେଦାନନ୍ଦ ସରସ୍ୱତୀ, ପଣ୍ଡିତ ନୀଳକଣ୍ଠ ରାଉତ, ଗୀତା ଚଇନି, ବିଶ୍ୱଜିତ ସୂର୍ଯ୍ୟବଂଶୀ ସଭାପତି ମହାତ୍ମା ବିଚାର ମଂଚ, କବି ତୋଫାନ ଜେନା, ଅଜୟ କୁମାର ପଣ୍ଡା, ଜଗନ୍ନାଥ ପ୍ରଚାରକ ଶୁଭେନ୍ଦ୍ର ସ୍ୱାଇଁ ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଅବସରରେ ଡକ୍ଟର ହରିହର କାନୁନଗୋ (ଜଗନ୍ନାଥ ଗବେଷକ), ପଣ୍ଡିତ ଦିବାକର ମିଶ୍ର (ଜଗନ୍ନାଥ ପ୍ରଚାରକ), ଡକ୍ଟର ଲକ୍ଷ୍ମଣ ସାହୁ (ସାହିତ୍ୟିକ), ଡକ୍ଟର ସୁନାମଣି ରାଉତ (ଶିଶୁ ସାହିତ୍ୟିକ), ପଣ୍ଡିତ ପ୍ରଦୀପ୍ତ ମହାପାତ୍ର (ଜଗନ୍ନାଥ ପ୍ରଚାରକ), ଶ୍ରୀ ଶ୍ରୀ ମାନସ ଚୈତନ୍ୟ ମହାରାଜ (ଜଗନ୍ନାଥ ପ୍ରଚାରକ), ହରିଦ୍ୱାର ଆଶ୍ରମର ଗୀତାଞ୍ଜଳି ମହାପାତ୍ର (ଜଗନ୍ନାଥ ଓ ସନାତନଧର୍ମ ପ୍ରଚାରକ) ଏବଂ ସମାଜ ସେବୀ ଅଭିମନ୍ୟୁ ଦାସଙ୍କୁ କୈବଲ୍ୟ ଜ୍ୟୋତି ସମ୍ମାନ-୨୦୨୨ ସାହିତ୍ୟ, ସମାଜ ସେବା ଏବଂ ଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ପ୍ରଚାରକ ପାଇଁ ପ୍ରଦାନ କରାଯାଇଥିଲା। ଏହି ଜଗତ କଲ୍ୟାଣ ମହାଯଜ୍ଞ କାର୍ଯ୍ୟକ୍ରମରେ ସାହି ବସ୍ତିର ବୁଦ୍ଧିଜୀବୀ, ଅଧିବାସୀ, ସାଧୁ ସନ୍ଥ ବହୁ ମାତ୍ରାରେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଗର କୁମାର ସାମନ୍ତରାୟ, ଚିତ୍ତ ରଞ୍ଜନ ମହାନ୍ତି, ସୁକୁମାର ସାମଲ, ନମିତା ମହାନ୍ତି, ସଞ୍ଜୟ କୁମାର ମହାରଣା ଅନୁଷ୍ଠାନ ତରଫରୁ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଉକ୍ତ ଅବସରରେ ଡଃ ନୃସିଂହନନ୍ଦ ମହାପାତ୍ରଙ୍କ ରଚିତ ଆଧ୍ୟାତ୍ମିକ ପୁସ୍ତକ ଦିଗବିଜୟୀ ଆଚାର୍ଯ୍ୟ ଶଙ୍କରଙ୍କ ଯାତ୍ରା ଶୁଭ ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଯୁବ ଆଧ୍ୟାତ୍ମିକ ସମାଜ ସେବକ ଓ ସ୍ତମ୍ଭକାର ଡ.ସଂଗ୍ରାମ କେଶରୀ ସାମନ୍ତରାୟ ସଂପାଦକୀୟ ବିବରଣୀ ପାଠ ପୂର୍ବକ ପାଠ ଧନ୍ୟବାଦ ଅର୍ପଣ କରି ବର୍ତ୍ତମାନର ଯୁବପିଢ଼ି ଆଧ୍ୟାତ୍ମିକ ସମାଜ ସେବାକୁ ଗୁରୁତ୍ୱ ଦେବାକୁ ସମବେତ ଆହ୍ୱାନ ପ୍ରଦାନ କରିଥିଲେ।

# ଦୁର୍ଗା ଦେବୀ ଥିଲେ ନାରୀ ଜାତିର ଆଦର୍ଶ ଓ ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ



ଭୁବନେଶ୍ୱର (ପିଏନ୍): ବାଙ୍କୀ ପଥୁରୀପଡ଼ାର ପରଲୋକଗତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଧର୍ମପତ୍ନୀ ତଥା କଟକ ଜିଲ୍ଲା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି କବି ଓ ପ୍ରତିଭାଦୀପ୍ତ ସୁନୀଲ ମିଶ୍ରଙ୍କ ମାତା ଦୁର୍ଗା ଦେବୀଙ୍କ ଦଶାହ ଉପଲକ୍ଷେ ଏକ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ନିଜସ୍ୱ ଗ୍ରାମରେ ଅନୁଷ୍ଠିତ ହେଇଯାଇଛି। ଓଡ଼ିଶା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଉକ୍ତ ସ୍ମୃତିଚାରଣ ସଭାରେ ଓଡ଼ିଶାର ବାଲେଶ୍ୱର, ଯାଜପୁର ରୋଡ଼, କଟକ, ବ୍ରହ୍ମପୁର, ବ୍ରହ୍ମଗିରି, ଖୋର୍ଦ୍ଧା, ପୁରୀ, ବାଙ୍କୀ, ପୁରୀ, ବରଗଡ଼, ସମ୍ବଲପୁର ଆଦି ବିଭିନ୍ନ ଅଞ୍ଚଳରୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଓଡ଼ିଶା ପୂଜ୍ୟ ପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ଦ୍ୱାରା ଆୟୋଜିତ ଉକ୍ତ ସଭାରେ ପ୍ରଥମେ ପୁଣ୍ୟଆତ୍ମାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଦୀପ ଧୂପ ଦାନ, ନୀରବ ପ୍ରାର୍ଥନା, ଓଡ଼ିଶାର ବିଶିଷ୍ଟ ପ୍ରବଚକ ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥୀଙ୍କ ଦ୍ୱାରା ବେଦ ପାଠ କରାଯାଇ ସ୍ମରଣିକା (ପୂଜନୀୟା ଦୁର୍ଗାଦେବୀ)କୁ ଅନୁଷ୍ଠାନର ରାଜ୍ୟ ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ ବରେଣ୍ୟ ଅତିଥି ଭାବେ, ବାଙ୍କୀର ପ୍ରାକ୍ତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଓ ଉତ୍କଳ ନ୍ୟାସୀ ମଣ୍ଡଳର ସଭାପତି ସୀତାବଲ୍ଲଭ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉନ୍ମୋଚନ କରିବା ସହିତ ଦୁର୍ଗା ଦେବୀ ସମସ୍ତ ମାତୃଶକ୍ତି, ସମାଜସେବାର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହା ସହିତ ପୂଜ୍ୟପୂଜା ହେଉଛି ପାତାଳଭେଦୀ ସଂସ୍କୃତି ବୋଲି ଅନ୍ୟ ଅତିଥି ସମୂହ ସ୍ମୃତିଚାରଣ ଅବସରରେ ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଇନଜୀବୀ ଦିଗମ୍ବର ବେହେରା, ଆଲୋକ କୁମାର ପ୍ରଧାନ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ସୁରେଶ୍ୱର ବେହେରା, ବ୍ରଜବନ୍ଧୁ ଦାସ, କାମଦେବ ମହାପାତ୍ର, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ କାହ୍ନୁ ସିଂହ, ସରପଞ୍ଚ ସୁରଞ୍ଜନ ପଣ୍ଡା, ପ୍ରଦ୍ୟୁମ୍ନ ସୁବୁଦ୍ଧି, ଅଶୋକ କୁମାର ମିଶ୍ର, ଧନେଶ୍ୱର ବଳିଆରସିଂହ, ପ୍ରାଧ୍ୟାପକ ମନୋଜ ମହାପାତ୍ର, ଗୋବିନ୍ଦ ତ୍ରିପାଠୀ, ଗୀତିକାର ଯୁଧିଷ୍ଠିର ଖୁଣ୍ଟିଆ, ସଦାଶିବ ଦାସ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଦାଧର ତ୍ରିପାଠୀ, କବି କୌଶିକ ନାୟକ, ଅଂଶୁପା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ବେଉରା, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବାଙ୍କୀ ଏନ୍.ଏ.ସି. ଉପାଧ୍ୟକ୍ଷ ସନ୍ତୋଷ ରଣା, କାଉନ୍‌ସିଲର ସନାତନ ବେହେରା, ବିଜୁ ଜନତା ଦଳ ସଭାପତି ଅନନ୍ତ ଦାସ, ଆଇନଜୀବୀ ଜିତେନ କୁମାର ରଥ, ରଣଜିତ୍ ତ୍ରିପାଠୀ, ଜିଲ୍ଲା ପରିଷଦ ସଭ୍ୟ ଆଶିଷ ସାହୁ ଓ ସଞ୍ଜୟ ପାତ୍ର, ସାମ୍ବାଦିକ ଦେବାଶିଷ ରାଉତ, ଅରବିନ୍ଦ ହରିଚନ୍ଦନ, ଯୁଧିଷ୍ଠିର କୁଣ୍ଡୁ, ବିଭୁ ସାମଲ, ଆଶିଷ ମହାପାତ୍ର, ପ୍ରତାପ ନାୟକ, ରଞ୍ଜିତ ସେଠ୍ ତଥା ଗ୍ରାମବାସୀ ସାହିତ୍ୟିକ, ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ସୀତାବଲ୍ଲଭ ମହାପାତ୍ର ତାଙ୍କ ଭାଷଣରେ କହିଥିଲେ ଏହି ଦିବଙ୍ଗତ ମହିଳାଙ୍କୁ ଯଶସ୍ୱୀ ମାତା, ଯଶସ୍ୱୀ ପତ୍ନୀ ରୂପେ ବର୍ଣ୍ଣନା କରିଥିଲେ। ପ୍ରକାଶ ଥାଉକି, ଏହି ମହୀୟସୀ ମହିଳାଙ୍କ ଗତ ନଭେମ୍ବର ୧୯ ତାରିଖରେ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି। ସଂଗଠନର ସଂଯୋଜକ ବାପୁ ଓଝା ଧନ୍ୟବାଦ ପ୍ରଦାନ କରିଥିଲେ ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ବଳଦେବ ପାଞ୍ଜି ପ୍ରକାଶନ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା (ପିଏନ୍): ତୁଳସୀକ୍ଷେତ୍ର କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀୟୁଙ୍କ ଯାତ୍ରୀ ନିବାସରେ ବଳଦେବଜୀୟୁ ପାଞ୍ଜି ପ୍ରକାଶନ କମିଟିର ଏକ ପ୍ରସ୍ତୁତି ବୈଠକ ଇଣ୍ଟରନେସନାଲ ଏକାଡେମୀ ଅଫ୍ ଇଣ୍ଡିଆନ୍ ଷ୍ଟଡିଜ୍, ଓଡିଶାର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶଙ୍କ ଆବାହକତ୍ୱରେ ଏବଂ ପଣ୍ଡିତ ସର୍ବେଶ୍ୱର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜୀୟୁଙ୍କ ପାଞ୍ଜି ପ୍ରକାଶନ ପାଇଁ ବୈଠକରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ଶ୍ରୀଜୀୟୁଙ୍କ ଦେବୋତ୍ତର ନ୍ୟାସର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ବଡପଣ୍ଡା ମାଧବ ପତ୍ରୀ, ରାଜ୍ୟସଭା ଯୁଗ୍ମ ସଚିବ ଚୌଧୁରୀ ରମାକାନ୍ତ ଦାସ, ଗବେଷକ ନିରଞ୍ଜନ ମେକାପ, ପ୍ରାବନ୍ଧିକ ଡଃ. ସର୍ବେସ୍ୱର ସେଣ, ପଣ୍ଡିତ ଭ୍ରମରବର ନନ୍ଦ, ଶ୍ରମିକ ନେତା ବସନ୍ତ କୁମାର ଦାଶ, ଭରତ ଚରଣ ଦାସ, ପୀତାମ୍ବର ମହାନ୍ତି, ହେମନ୍ତ ଜେନା ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚଳିତ ଓଡିଆ ନବବର୍ଷରୁ ଶ୍ରୀବଳଦେବଜୀୟୁଙ୍କ ପାଞ୍ଜି ପ୍ରକାଶନ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା। ଏଥିପାଇଁ ଶ୍ରୀଜୀୟୁଙ୍କ ବଡପଣ୍ଡା ମାଧବ ପତ୍ରୀଙ୍କ ଅଧ୍ୟକ୍ଷତାରେ ସେବକ କମିଟି, ପଣ୍ଡିତ ଭ୍ରମରବର ନନ୍ଦଙ୍କ ଅଧ୍ୟକ୍ଷତାରେ ବୈଷୟିକ ଜ୍ୟୋତିର୍ବିଦ କମିଟି ଏବଂ ଡକ୍ଟର ସର୍ବେଶ୍ୱର ସେଣଙ୍କ ଅଧ୍ୟକ୍ଷତାରେ ଗଠିତ ପ୍ରସାର କମିଟିରେ ଗବେଷକ ନିରଞ୍ଜନ ମେକାପ ଏବଂ ରାଜଶ୍ରୀର ସମ୍ପାଦକ ହେମନ୍ତ ଜେନାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇ ସେମାନଙ୍କ ଉପରେ ଦାୟୀତ୍ୱ ନ୍ୟସ୍ତ କରାଯାଇଥିଲା। ଶେଷରେ ଶ୍ରୀ ମେକାପ ଧନ୍ୟବାଦ ଅର୍ପଣ କରିଥିଲେ।

DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ସଫ୍ଟବଲ ପ୍ରତିଯୋଗୀତାରେ ବିଜୟୀ ବାଳିକା ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା




ରାୟଗଡ,(ପି.ଏନ):ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରି ବିଜୟ ହୋଇଥିବା ରୟାଗଡ଼ ଜିଲ୍ଲାର ବାଳିକା ଦଳକୁ ଆଜି ସ୍ଥାନୀୟ ରେଳ ଷ୍ଟେସନ ଠାରେ ସ୍ୱାଗତ କରାଯାଇଥିଲ । ରାଜ୍ୟସ୍ତରୀୟ ସଫ୍ଟବଲ ପ୍ରତିଯୋଗିତା ବାଲେଶ୍ୱର ଜିଲ୍ଲାରେ ଅନୁଷ୍ଠିତ ହୋଇଥିଲା ଏଥିରେ ରାୟଗଡ ବାଳିକା ବର୍ଗରେ ରାୟଗଡା ଦଳ ବିଜୟ ଲାଭକରିଥିଲା କ୍ଷ କୋଳାନାରା ବ୍ଲକ ଅନ୍ତର୍ଗତ କୈଳାଶପୁର ମଙ୍ଗଳ ବିଭାଗ ଉଚ୍ଚ ବିଦ୍ୟାଳୟ ରିଙ୍କୁ କାଦ୍ରାକକ୍ଷ,ସୁଭାଷିନୀ କୁମ୍ବିକା,ରଂଜିତା ହେପ୍ରୁକା, ଅନୁସୂୟା କୀଲାକା,ଉନ୍ନୀତ ଉଚ୍ଚବିଦ୍ୟାଳୟ ପୂଝରୀଗୁଡାର ତ୍ରିଶା ପେରସିକା,କରିସ୍ମା ହାରିକା,ସୋନାଲୁ କଲକା ଓ ଜଗଦମ୍ବା ଉଚ୍ଚବିଦ୍ୟାଳୟର ଜସ୍ମିତା କୀଲାକା,ସାବିତ୍ରୀ କକ୍ଷଦ୍ରକ୍ଷକକ୍ଷ, ମନୀଷା ୱାଡକା, ରାଜେଶ୍ୱରୀ କଣ୍ଡକ୍ଷଗୋରି ଓ ଉନ୍ନୀତ ଉଚ୍ଚବିଦ୍ୟାଳୟ ମୁନ୍ଦ୍ୱାଙ୍ଗର ଶିବନ୍ତି ଗଣ୍ଟା ଆଦି ଜିଲ୍ଲାତରଫରୁ ଭକ୍ଷଗନେଇ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରି ବିଜୟ ହାସଲ କରିଥିଲେ କ୍ଷ ବାଳିକା ମାନଙ୍କ କୋଚ୍ ପାୟଲ ମାଝୀ, ବାଳକ ମାନଙ୍କ କୋଚ୍ ଜୟକୃଷ୍ଣ ପାତ୍ର, ସନ୍ତୋଷ ନାୟକଙ୍କୁ ତତ୍ତ୍ୱାବଧାନରେ ଜିଲାରୁ ଅଂଶଗ୍ରଣ କରିଥିଲେ । ଆଜି ସ୍ଥାନୀୟ ରେଳ ଷ୍ଟେସନରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ ଚ୍ନ୍ଦ୍ର ବରିହା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭଜନଲାଲ ମାଝୀ, ଜିଲ୍ଲା ସୂଚ୍ନା ଓ କୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବରିଷ୍ଠ ଶିକ୍ଷକ ତଥା ଉପଦେଷ୍ଟା ଶଶିଭୂଷଣ ପଟ୍ଟନାୟକ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ହରିହର ପାତ୍ର, ଗୋବିନ୍ଦ ଚ୍ନ୍ଦ୍ର ଉଚ୍ଚବିଦ୍ୟାଳୟର କ୍ରୀଡା ଶିକ୍ଷକ ସୁନୀଲ ଚ୍ନ୍ଦ୍ର ମହାନ୍ତ,ଜଗଡ଼ମ୍ବା ଉଚ୍ଚବିଦ୍ୟାଳୟର କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର କଡ଼ମ୍ବାଲୁ ପ୍ରମୁଖ ସ୍ୱାଗତ କରିଥିଲେ ।

## ଖୋର୍ଦ୍ଧା ନିର୍ବାଚ୍ନମଣ୍ଡଳୀରେ ବିଜେଡି ଆଶାୟୀ ପ୍ରାର୍ଥୀ ବାସନ୍ତୀଙ୍କ ପ୍ରତି ବଢୁଛି ଜନସମର୍ଥନ



ଖୋର୍ଦ୍ଧା,(ପିଏନ): ନିର୍ବାଚ୍ନୀ ଋତୁ ଆସୁଥିବାରୁ ଚ୍ା ଖଟି ଠାରୁ ଆରମ୍ଭ କରି ଗାଁ ମୁଣ୍ଡ, ପଂଚ୍ାୟତରୁ ଓ ପାର୍ଟି ଅଫିସ ପର୍ଯ୍ୟନ୍ତ ସବୁଠି ରାଜନୀତି ଆଲୋଚ୍ନା ୨୦୨୪ ନିର୍ବାଚ୍ନ ଚ୍ର୍ଚ୍ଚା କିଏ କେଉଁ ଦଳରୁ ଆଶାୟୀ । ବିଗୁଲ୍ ବାଜିବା ପୂର୍ବରୁ, ନେତା ଓ କର୍ମୀ ଆରମ୍ଭ କରି ଦେଲେଣି ପ୍ରସ୍ତୁତି ପର୍ବ ।ଏବେ ଖୋର୍ଦ୍ଧା ନିର୍ବାଚ୍ନ ମଣ୍ଡଳୀରେ ବାରି ହୋଇ ପଡିଲାଣି ନିର୍ବାଚ୍ନୀ ତାତି । ରାଜ୍ୟର ଅନ୍ୟତମ ଚ୍ର୍ଚ୍ଚିତ ବିଧାନସଭା ନିର୍ବାଚ୍ନ ମଣ୍ଡଳୀ ହେଉଛି ଖୋର୍ଦ୍ଧା । ୧୯୫୧ ମସିହାରେ ଗଠନ ହୋଇଥିଲା ଏହି ନିର୍ବାଚ୍ନ କ୍ଷେତ୍ର । ନିର୍ବାଚ୍ନମଣ୍ଡଳୀର ମୋଟ ଭୋଟର ସଂଖ୍ୟା ୨,୧୩,୬୯୧ ।ସେଥିରୁ ୧,୧୨,୬୦୦ମହିଳା ଭୋଟର ଏବଂ ୧,୦୧,୦୯୧ ପୁରୁଷ ଭୋଟର ରହିଛନ୍ତି । ଯଦିଓ ଖୋର୍ଦ୍ଧା ନିର୍ବାଚ୍ନମଣ୍ଡଳୀରେ କଂଗ୍ରେସ ଓ ବିଜେପିର ଆଶୟୀ ପ୍ରାର୍ଥୀ ସ୍ପଷ୍ଟ ହୋଇନାହାନ୍ତି ତଥାପି ବିଜେଡିର ଆଶାୟୀମାନେ ଜନ ସମର୍ଥନ ଜୁଟାଇବାରେ ବ୍ୟସ୍ତ । ବିଜେଡି ହ୍ୟାଟ୍ରିକ୍ ପାଇଁ ଲକ୍ଷ୍ୟ ରଖିଥିବା ବେଳେ, ଗଡ ରକ୍ଷା କରିବାକୁ ବେଶ ଅଂଟା ଭିଡିଛି । ୨୦୧୪ ରେ ରାଜେନ୍ଦ୍ର କୁମାର ସାହୁ ଓ ୨୦୧୯ରେ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ନିର୍ବାଚ୍ନରେ ବିଜୟୀ ହୋଇଥିଲେ ବିଜେଡି ପ୍ରାର୍ଥୀ । ଆଉ ୨୦୨୪ ନିର୍ବାଚ୍ନ ଜିତି ହ୍ୟାଟ୍ରିକ ଲକ୍ଷ୍ୟରେ ଅଛି ଶାସକ ଦଳ । ୨୦୧୯ ନିର୍ବାଚ୍ନରେ, ବିଜେଡି ପ୍ରାର୍ଥୀ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ୧୦,୦୪୩ ଭୋଟ୍ ରେ ବିଜୟୀ ହୋଇଥିଲେ । ଶ୍ରୀ ମିତ୍ର ୮୪,୫୫୩ ଭୋଟ୍ ପାଇଥିବା ବେଳେ, ବିଜେପି ପ୍ରାର୍ଥୀ କାଳୁ ଚ୍ରଣ ଖଣ୍ଡେୟିତରାୟ ୭୪,୫୧୦ ଭୋଟ ସହ ଦ୍ୱିତୀୟ ସ୍ଥାନରେ ଥିଲେ । କଂଗ୍ରେସ ପ୍ରାର୍ଥୀ ସ୍ୱାଗତିକା ପଟ୍ଟନାୟକ ପାଇଥିଲେ ମାତ୍ର ୪,୨୬୮ ଭୋଟ୍ । ମାତ୍ର ଚ୍ଳିତ ନିର୍ବାଚ୍ନକୁ ନେଇ କଂଗ୍ରେସ ଆଗକୁ ଆସିନଥିଲେ ମଧ ବିଜେଡି ଓ ବିଜେପି ଗାଁ ଖଟିରୁ ଆରମ୍ଭ କରି ଛକ କୁ ଆସିଲାଣି । ବିଜେଡି ଆସନ ବଜାୟ ରଖିବାକୁ ଯୋଜନା କରୁଥିବା ବେଳେ, ବିଜୟ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି ଚ୍ଳାଇଛି ବିଜେପି । ତେବେ ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ବାସନ୍ତୀ ମହାପାତ୍ର ଏଥର ଶାସକ ଦଳରୁ ଆଶାୟୀ ଅଛନ୍ତି ।ଶ୍ରୀମତୀ ମହାପାତ୍ରଙ୍କ ଲାଗି ଖୋର୍ଦ୍ଧା ନିର୍ବାଚ୍ନମଣ୍ଡଳୀରେ ସମର୍ଥନ ବଢୁଥିବା ଚ୍ର୍ଚ୍ଚା ହେଉଛି । ଲୋକଙ୍କର ସୁବିଧା ଅସୁବିଧା ପ୍ରତ୍ୟେକ ସମୟରେ ସେମାନଙ୍କ ପାଖେ ଠିଆ ହେଉଥିବାବେଳେ ରାଜ୍ୟସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ତୃଣମୂଳସ୍ତରରେ ବୈଠକ ମାନ କରି ଲୋକଙ୍କୁ ସଚେତନ କରୁଛନ୍ତି । ତେବେ ଖୋର୍ଦ୍ଧା ନିର୍ବାଚ୍ନମଣ୍ଡଳୀରେ ବିଜେଡି ଜଣେ ମହିଳା ପ୍ରାର୍ଥୀଙ୍କୁ ଟିକେଟ ଦେବ ଚ୍ର୍ଚ୍ଚା ହେଉଥିବାବେଳେ ବାସନ୍ତୀ ମହାପାତ୍ରଙ୍କ ପ୍ରତି ବଢୁଥିବା ଜନସମର୍ଥନ ଚ୍ର୍ଚ୍ଚାକୁ ବେଶ ଖୋରାକ ଯୋଗାଉଛି । ଶ୍ରୀମତୀ ମହାପାତ୍ର ୧୯୯୧-୯୫ ପର୍ଯ୍ୟନ୍ତ ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ରହିଥିଲେ ।

## ପଶ୍ଚିମ ଓଡ଼ିଶାବାସୀଙ୍କୁ ପବିତ୍ର ନୂଆଁଖାଇର ଶୁଭେଚ୍ଛା ଜଣାଇଲେ ପିସିସି ସଭାପତି

ଭୁବନେଶ୍ୱର,(ପି.ଏନ): ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଚଳିତ ମାସ ୨୦ ତାରିଖ ଦିନ ପାଳନ ହେବାକୁ ଯାଉଅଛି। ଏହି ଦିନ ପଶ୍ଚିମ ଓଡ଼ିଶାର ସମସ୍ତ ଜନସାଧାରଣ ନବାନ୍ନ ଭକ୍ଷଣ କରିଥାନ୍ତି ଓ ଇଷ୍ଟପୂଜନ କରିଥାନ୍ତି। ଏହି ଅବସରରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ପଶ୍ଚିମ ଓଡ଼ିଶାବାସୀଙ୍କୁ ନୂଆଁଖାଇ ଜୁହାର ଜଣାଇଛନ୍ତି ଓ ମା ସମଲେଇଙ୍କ ନିକଟରେ ସେମାନଙ୍କର ସୁଖ ସମୃଦ୍ଧି ପ୍ରାର୍ଥନା କରିଛନ୍ତି। ସାଧାରଣତଃ ପ୍ରତିବର୍ଷ ପ୍ରଥମ ଦିନ ନୂଆଁଖାଇ ଓ ପରଦିନ ନୂଆଁଖାଇ ଭେଟ୍‌ଘାଟ୍ ସହିତ ଏହିଭଳି ତିନିଦିନ ଧରି ପଶ୍ଚିମ ଓଡ଼ିଶାବାସୀ ମାନେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦିପନାର ସହ ଏହି ପର୍ବକୁ ପାଳନ କରିଥାନ୍ତି। ଏବର୍ଷ ଚଳିତ ମାସ ୨୧ ତାରିଖ ଦିନ ବାଚସ୍ପତି ନିର୍ବାଚନ ପାଇଁ ସରକାର ଦିନ ଧାର୍ଯ୍ୟ କରିଥିଲେ ଏବଂ ଗୋଟିଏ ଦିନ ସରକାରୀ ଛୁଟି ଘୋଷଣା କରିଥିଲେ। ଏଠାରେ ସ୍ମରଣଯୋଗ୍ୟ ଯେ ପିସିସି ସଭାପତି ଶ୍ରୀ ପଟ୍ଟନାୟକ ପଶ୍ଚିମ ଓଡ଼ିଶାବାସୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି ତିନିଦିନ ସରକାର ଛୁଟି ଘୋଷଣା କରନ୍ତୁ ବୋଲି ପୂର୍ବରୁ ଦାବି କରିଥିଲେ। ନଚେତ କଂଗ୍ରେସ ବିଧାୟକମାନେ ବାଚସ୍ପତି ନିର୍ବାଚନରେ ଯୋଗଦେଇ ପାରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ପରବର୍ତୀ ଅବସ୍ଥାରେ ରାଜ୍ୟ ସରକାର ଏହାକୁ ବିଚାରକୁ ନେଇ ଦୁଇଦିନ ଛୁଟି ଘୋଷଣା କରିଛନ୍ତି ଏବଂ ବାଚସ୍ପତି ନିର୍ବାଚନକୁ ୨୨ ତାରିଖକୁ ଘୁଂଚାଇଛନ୍ତି।

## ପାରାଦୀପରେ ଆରମ୍ଭ ହେଲା ବିଶ୍ୱକର୍ମା ପୂଜା-ରଙ୍ଗୀନ ଆଲୋକମାଳାରେ ଝଲସୁଛି ସହର



ପାରାଦୀପ,(ପି.ଏନ):ରବିବାର ଦିନ ବନ୍ଦର ସହର ପାରାଦୀପରେ ଆରମ୍ଭ ହୋଇଛି ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ । ଏହି ଉପଲକ୍ଷେ ପୁରା ବନ୍ଦର ସହର ଚଳଚଂଚଳ ହୋଇ ଉଠିଛି । ରବିବାର ଦିନ ବିଭିନ୍ନ ପୂଜା ଅୟୋଜକମାନଙ୍କ ଦ୍ୱାରା ଆକର୍ଷଣୀୟ କଳସ ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା । ବାଜା ବାଣ ରୋଷଣୀରେ କମ୍ପି ଉଠିଥିଲା ପାରାଦୀପ ସହର । ଭାରତୀୟ ବନ୍ଦର ମଜଦୁର ସଂଘ, ପାରାଦୀପ ଏରସମା ଶିଳ୍ପାଂଚଳ ଶ୍ରମିକ ସଂଘ,ଓଡିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ ଭଳି ବୃହତ ସଂଗଠନର କଳସ ଶୋଭାଯାତ୍ରାରେ ଶହଶହ ସଂଖ୍ୟାରେ ଲୋକମାନେ ସାମିଲ ହୋଇ ପାରାଦୀପ ସମୁଦ୍ରରୁ ଜଳ ସଂଗ୍ରହ କରିଥିଲେ । ଏହା ପରେ ବିଭିନ୍ନ ପୂଜାମଣ୍ଡପରେ ଆରମ୍ଭ ହୋଇଛି ଦେବଶିଳ୍ପୀଙ୍କ ପୂଜା । ସପ୍ତାହେ ବ୍ୟାପି ଏହି ପୂଜାରେ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ପାରାଦୀପ ଡିଏସପି ସନ୍ତୋଷ ଜେନା, ଆଦର୍ଶ ଥାନା ଅଧିକାରୀ ସୂଚିତ୍ରବୀର୍ଯ୍ୟ ଦାସ ସଂପୂର୍ଣ୍ଣ ଭାବେ ତଦାରଖ କରୁଛନ୍ତି । ପୂଜା ମଣ୍ଡପ ଅଂଚଳକୁ ଅପରାହ୍ନ ପର ଠାରୁ ଗାଡି ଚଳାଚଳ ଉପରେ କଟକଣା ଲଗାଯାଇଛି । ଏହା ମଧ୍ୟକୁ କୌଣସି ଗାଡି ଯେପରି ଚଳାଚଳ ନକରେ ସେଥି ପାଇଁ ଛକମାନଙ୍କରେ ପୋଲିସ୍ ଉପସ୍ଥିତ ରହିଛନ୍ତି । ସବୁ ପୂଜା ମଣ୍ଡପ ନିକଟରେ ପୋଲିସ ପହରା କଡାକଡି କରାଯାଇଛି । ଭିଡ ନିୟନ୍ତ୍ରଣ ପାଇଁ ପୂଜା ମଣ୍ଡପଠାରୁ ଦୂରରେ ଅପେରା ଆୟୋଜନ ପାଇଁ ପୋଲିସ୍ ପକ୍ଷରୁ ଅନୁମତି ମିଳିଛି ।

## ରକ୍ତଦାନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ପାଳିଲା ବିଜେପି



ତାଳଚେର,(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ସେପଟ୍ଟେମ୍ବର ୧୭ ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ବିଭିନ୍ନ ସେବା ମୂଳକ କାର୍ଯ୍ୟ କରି ସେବାପକ୍ଷ ପାଳନ କରୁଛି ବିଜେପି ।ଏ ପରିପ୍ରେକ୍ଷୀରେ ଆଜି ସୋମବାର ତାଳଚେର ବିଜେପି ପକ୍ଷରୁ ଦେଉଳବେଡା ମଙ୍ଗଳମ କ୍ଲବ ଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି ।ବିଜେପି ନେତା ତଥା ଏନଏସଆଇସି ର ଡାଇରେକ୍ଟର କାଳନ୍ଦି ସାମଲ ,ଅନୁଗୁଳ ବ୍ଲଡ଼ ବ୍ୟାଙ୍କ ର ଡାକ୍ତର ଅଙ୍କିତା ତିର୍କୀ, ରକ୍ତଦାତା ଲିପିସିତା ସାହୁ, ଶୁଭଶ୍ରୀ ପୃଷ୍ଟି ,ବିଏମଏସ ଶ୍ରମିକ ନେତା ଭରତ ଭୁତିଆ ପ୍ରମୁଖ ,ଏହି ଶିବିର କୁ ଉଦଘାଟନ କରିଥିଲେ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦୀର୍ଘ ,ସୁସ୍ଥ ଓ ନିରାମୟ ଜୀବନୀ ବିଜେପି ନେତା କାଳନ୍ଦି ସାମଲ କାମନା କରିଥିଲେ ।ଅନୁଗୁଳ ଜିଲ୍ଲା ବ୍ଲଡ଼ ବ୍ୟାଙ୍କ ଏହି ଶିବିରରେ ରକ୍ତ ସଂଗ୍ରହ କରିଥିଲେ ।୫୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା ।ବିଶେଷ ଭାବେ ମହିଳା ମାନେ ଉତ୍ସାହ ର ସହ ଏହି ଶିବିର ରେ ରକ୍ତଦାନ କରିଥିଲେ ।ବିଜେପି ନେତା ଜଗଦୀଶ ମିଶ୍ର ଏହି ଶିବିର ରେ ତାଙ୍କର ୫୦ ତମ ରକ୍ତଦାନ କରିଥିଲେ ।ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା ,ବରିଷ୍ଠ ନେତା ଯଯାତି ପଟ୍ଟନାୟକ , ସମାଜସେବୀ ବଳରାମ ପତି,ବିଜେପି ଜିଲ୍ଲା ମିଡ଼ିଆ ସେଲ ଅଧକ୍ଷ ପର୍ଶୁରାମ ବାରିକ,ଜିଲ୍ଲା ଉପ ସଭାପତି ତଥା ପ୍ରାକ୍ତନ ସମିତି ସଭ୍ୟ ମନୋଜ ପ୍ରଧାନ, ଜିଲ୍ଲା କୃଷକ ମୋର୍ଚ୍ଚା ପ୍ରଭାରୀ ବିଭୁତି ସାହୁ,କୃଷକ ମୋର୍ଚ୍ଚା ଜିଲ୍ଲା ଉପ ସଭାପତି ସୁଶା' ସାମଲ, ଲୋକନାଥ ସାହୁ,ମଣ୍ଡଳ ସଭାପତି ବରୁଣ ସାହୁ,ଜିଲ୍ଲା ସମ୍ପାଦକ ପ୍ରଶା' ନନ୍ଦ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ତଥା କାର୍ଯ୍ୟକ୍ରମ ସଂଯୋଜକ ସୁନୀଲ ବିଶ୍ୱାଳ ,ଯୁବନେତା ତାପସ ସାହୁ,କୃଷ୍ଣଚନ୍ଦ୍ର ଦାସ, ନରେଶ ଦାସ, ଖଇରା ପ୍ରଧାନ, ସୁଶାନ୍ତ ପ୍ରଧାନ, ଅଜୟ ସାହୁ,ଙ୍କ ସମେତ ବହୁ କାର୍ଯ୍ୟକର୍ତା ଯୋଗଦେଇ ଥିଲେ ।ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ରେ ତାଳଚେର ନିର୍ବାଚନ ମଣ୍ଡଳୀ ର ସମସ୍ତ ୬ଟି ମଣ୍ଡଳି ରେ ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ସହ ମନ୍ଦିର ରେ ପୂଜାର୍ଚ୍ଚନା ଓ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା ।



ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday September 19, 2023 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୧୯,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ମହାଆଡମ୍ବରରେ ବିଶ୍ୱକର୍ମା ପୂଜା ପାଳିତ



ଜେନାପୁର,(ପି.ଏନ୍): ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ପୁରପଲ୍ଲିରେ ପ୍ରତିବର୍ଷ ପରି ଏ ବର୍ଷ ମଧ ମହାଆଡମ୍ବର ସହ ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି । ଏହି ପୂଜାଟି ଭାଦ୍ରବ ମାସ କନ୍ୟା ସଂକ୍ରାନ୍ତି ଦିନ ପୂର୍ଜା ଅର୍ଚ୍ଚନା କରିଥାନ୍ତି । ଭଗବାନ୍ ବିଶ୍ୱକର୍ମା ହେଉଛନ୍ତି ଦେବ ଶିଳ୍ପୀ ତାଙ୍କୁ ସମସ୍ତ ଦୋକାନ,ଶିଳ୍ପ,କାରଖାନା ମାନଙ୍କରେ ପୂଜା କରାଯାଏ । ଭଗବାନ୍ ବିଶ୍ୱକର୍ମାଙ୍କର ସ୍ୱର୍ଣ୍ଣୟ ମୂର୍ତ୍ତି ସ୍ଥାପନ କରି କଳସ, ଧୂପ,ରଙ୍ଗିନ୍ ପତକାରେ ସୁସଜିତ କରାଯାଇ ପୂର୍ଜାର୍ଚ୍ଚନା କରାଯାଇଥିଲା । ଏହି ଦିନ ସମସ୍ତ କାରୀଗର ମାନଙ୍କର ଶିଳ୍ପ କାରଖାନା ବନ୍ଦ ଥାଏ । ବର୍ଷକ ଥରେ ମିଳିତ ହୋଇ ପୂଜାରେ ବିଭୋର୍ ହୋଇ ଆନନ୍ଦ ହୋଇଥାନ୍ତି । ଏହି ପୂଜା ବିଭିନ୍ନ ଅଞ୍ଚଳ ତଥା, ଜେନାପୁର,ବୃନ୍ଦାଦେଇପୁର, ମର୍ଜିତାପୁର, ରାଇଛନ୍ଦା, କମାଗଡ, ରେଖିଦେଇପୁର, କନ୍ତପଡା, ଜାରକା, କାଏମା ପ୍ରମୁଖ ସ୍ଥାନରେ ଆନନ୍ଦ ଉଲ୍ଲାସ ସହ ପାଳିତ ହୋଇଯାଇଛି ।

## ପାରଳା ମହାରାଜା ଇଞ୍ଜିନିୟର କଲେଜ ରେ ବିଶ୍ୱକର୍ମା ପୂଜା ପାଳନ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର) ,(ପି.ଏନ୍): ବ୍ରହ୍ମପୁର ସ୍ଥିତ ପାରଳା ମହାରାଜା ଇଞ୍ଜିନିୟର କଲେଜ ର ଅଧକ୍ଷଙ୍କ ନିର୍ଦ୍ଦେଶନା କ୍ରମେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି । ଏଥି ସହିତ କଲେଜରେ ଥିବା ବିଭିନ୍ନ ବିଭାଗରର ମୁଖ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିର୍ଦ୍ଦେଶନା ନିଜ ନିଜ ବିଭାଗରେ ମଧ ବିଶ୍ୱକର୍ମା ପୂଜା ଧୁମ୍ ଧାମରେ ପାଳନ କରାଯାଇଛି ।

# ସରକାରୀ ପଲିଟେକନିକ୍ କଲେଜରେ ବିଶ୍ୱକର୍ମା ପୂଜା ପାଳନ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର) ବ୍ରହ୍ମପୁର ସ୍ଥିତ ସରକାରୀ ପଲିଟେକନିକ୍ କଲେଜ ର ଅଧକ୍ଷ ଶ୍ରୀଯୁକ୍ତ ନିଶାକର ମଲ୍ଲିକଙ୍କ ନିର୍ଦ୍ଦେଶନା କ୍ରମେ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି । ଏଥି ସହିତ କଲେଜ ରେ ଥିବା ବିଭିନ୍ନ ବିଭାଗର ର ମୁଖ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ନିର୍ଦ୍ଦେଶନା ନିଜ ନିଜ ବିଭାଗରେ ମଧ ବିଶ୍ୱକର୍ମା ପୂଜା ଧୁମ୍ ଧାମରେ ପାଳନ କରାଯାଇଛି ।

# ବିଷାକ୍ତ ଖାଦ୍ୟ ଖାଇ ଶିକ୍ଷୟତ୍ରୀ ଓ ଦୁଇ ପୁଅ ମୃତ



ଶେରଗଡ଼ (ପି.ଏନ୍): ବିଷାକ୍ତ ଖାଦ୍ୟ ଖାଇ ଶିକ୍ଷୟିତ୍ରୀ ଓ ଦୁଇ ପୁଅ ମୃତ ହୋଇଥିବାବେଳେ ଶାଶୁ ଗୁରୁତର । ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲାର ଶେରଗଡ଼ ବ୍ଲକର ଶେରଗଡ଼ ଗ୍ରାମ ରେ କ୍ଷ ସୂଚ଼ନା ମୁତାବକ ମହାତ୍ମାଗାନ୍ଧୀ ହାଇସ୍କୁଲ ର ଶିକ୍ଷୟତ୍ରୀ ସାବିତ୍ରୀ ବେହେରା ସ୍ୱାମୀ ପ୍ରଶାନ୍ତ ଡାକୁଆଙ୍କ ସହ ଶେରଗଡ଼ ଶ୍ରିରାମନଗର ସ୍ଥିତ ଏକ ଭଡ଼ା ଘରେ ରହିଆସୁଥିଲେ । ରାତି ଭୋଜନ ଖାଇବା ପରେ ସମସ୍ତେ ସୋଇପଡ଼ିଥିଲେ । ଆଜି ସକାଳୁ ଶିକ୍ଷୟତ୍ରୀ ଓ ଦୁଇ ପୁଅ କୁ ଅଚେତ ଅବସ୍ଥାରେ ଶେରଗଡ଼ ମେଡିକାଲ ରେ ଭର୍ତି କରାଯାଇଥିଲା । ଡକ୍ଟର ଶିକ୍ଷୟତ୍ରୀ ଓ ଦୁଇ ପୁଅ ସିତେଶ ଓ ପ୍ରିତେଶ କୁ ମୃତ ଘୋଷଣା କରିଥିଲେ । ସ୍ୱାମୀ ପ୍ରଶାନ୍ତ ଡାକୁଆ ଙ୍କ ମା ଉର୍ମିଳା ଡାକୁଆ ଙ୍କ ସ୍ୱାସ୍ଥ୍ୟ ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ମେଡ଼ିକାଲ କୁ ସ୍ଥାନାନ୍ତରିତ କରାଯାଇଛି । ତିନି ଜଣଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି । ଏହି ଘଟଣା କୁ ନେଇ ଶେରଗଡ଼ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚ଼ନା ରହିଛି ।

# ଶାନ୍ତିସ୍ତୁପ ଠାରେ ନିଆରା ବିଶ୍ୱକର୍ମା ପୂଜା

ଭୁବନେଶ୍ୱର ,(ପି.ଏନ୍); ଶାନ୍ତିସ୍ତୁପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଗଢିଛନ୍ତି ନିଆରା ବିଶ୍ୱକର୍ମା ମୂର୍ତ୍ତି ଏହି ମୂର୍ତ୍ତିକୁ ସେମାନେ ପ୍ଲାଷ୍ଟିକ, ଜରି କିମ୍ବା କୌଣସି ରାସାୟନିକ ରଙ୍ଗ ଦ୍ୱାରା ଗଢିବା ପରିବର୍ତ୍ତେ ଇକୋଫ୍ରେଣ୍ଡଲି ଜିଣିଷପତ୍ରରେ ଗଢିଛନ୍ତି ୭ ଫୁଟ ଉଚ୍ଚ଼ତା ବିଶିଷ୍ଟ ଏହି ମୂର୍ତ୍ତିକୁ ଛାତ୍ରଛାତ୍ରୀ ମାନେ କେବଳ ଧଣିଆରେ ତିଆରି କରିଛନ୍ତି ଏହି ମୂର୍ତ୍ତିକୁ ତିଆରି କରିବାକୁ ୧୦ କିଲୋ ଧଣିଆ ବ୍ୟବହୃତ ହୋଇଛି । ଏଥିପାଇଁ ଛାତ୍ରଛାତ୍ରୀ ଦେବାଶିଷ ବେହେରା, ଲିପ୍ସା ପ୍ରଧାନ, ଆର୍ଯ୍ୟନ ସାମଲ, ସୋନାଲି ନାୟକ, ସୋନାଲି ବିଶ୍ୱାଳ, ଭାରତ ଭୂଷଣ ସାମଲ, ରିତେଶ କୁମାର ପଣ୍ଡା, ସୁବ୍ରତ କୁମାର ମୁଦୁଲି ଆଦିଙ୍କୁ ୧୦ ଦିନ ସମୟ ଲାଗିଥିଲା । ଏହି ମୂର୍ତ୍ତି ଜରିଆରେ ଛାତ୍ରଛତ୍ରୀ ମାନେ କାରୁକାର୍ଯ୍ୟର ନୂତନ ପଦ୍ଧତି ଶିଖିବା ସହିତ ପ୍ରକୃତି ଅନୁକୂଳ ଜିନିଷ ଶିଖିବା ପାଁଇ ସମାଜକୁ ବାର୍ତା ଦେଇଛନ୍ତି । ଏହି ଅବସରରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ୍ୟ ଚ଼ନ୍ଦନ କୁମାର ସାମଲ, ଅଧ୍ୟାପକ ମାନସ ରଞ୍ଜନ ନାୟକ, ଲକ୍ଷ୍ମୀଧର ସ୍ୱାଇଁ ଓ ଅଧ୍ୟାପକ ଅଧାପିକା ମାନେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ ।

# ଲଙ୍କା ଉପରେ ଭାରତର ବାହୁବଳୀ ବିଜୟ



ଭୁବନେଶ୍ୱର,(ପି.ଏନ): ଦିନିକିଆରେ ଭାରତ ୧୧ଥର ପାଇଁ ୧୦ ଓ୍ୱିକେଟରେ ବିଜୟୀ ହୋଇଛି । କଲମ୍ବୋରେ ଦେଖିବାକୁ ମିଳିଛି ଭାରତୀୟ ବୋଲରଙ୍କ ଜଲୱା ।ଏସିଆ କପ ଫାଇନାଲ୍ ମୁକାବିଲାରେ ଟିମ୍ ଇଣ୍ଡିଆର ଦମଦାର ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ଶ୍ରୀଲଙ୍କାକୁ ମାତ୍ର ୫୦ ରନରେ ଅଲଆଉଟ୍ କରିଥିଲା ଭାରତ । ଭାରତୀୟ ବୋଲରଙ୍କ ଘାତକ ବୋଲିଂ ଆଗରେ ୧୫ ଓଭର ଦୁଇଟି ବଲରେ ମାତ୍ର ୫୦ ରନ କରି ୧୦ ଓ୍ୱିକେଟ ହରାଇଥିଲା ଘରୋଇ ଦଳ । ଶୋଚ଼ନୀୟ ବ୍ୟାଟିଂ ସହିତ ଏସିଆ କପରେ ଶ୍ରୀଲଙ୍କା ସର୍ବନିମ୍ନ ରନ କରିଥିଲା । ସେପଟେ ଅବିଶ୍ୱସନୀୟ ସିରିଜ ଖେଳିଥିଲେ ଭାରତର ଦ୍ରୁତ ବୋଲର ମହମ୍ମଦ ସିରାଜ । ସିରାଜଙ୍କ ଘାତକ ବୋଲିଂ ଆଗରେ ଧରାଶାୟୀ ହୋଇଯାଇଥିଲା ସିଂହଳୀ ଟିମ୍ ।ପ୍ରଥମ ଓଭରରେ ହିଁ ବୁମରା କୁଶଲ ପରେରାଙ୍କ ଓ୍ୱିକେଟ ନେବାପରେ ଜାଦୁ ଦେଖାଇଥିଲେ ସିରାଜ୍ । ଦ୍ୱିତୀୟ ଓଭରରେ ଭାଙ୍ଗିଦେଇଥିଲେ ଟିମ ଶ୍ରୀଲଙ୍କାର ଅଣ୍ଟା । ଗୋଟିଏ ଓଭରରେ ୪ଟି ଓ୍ୱିକେଟ ନେଇଥିଲେ ସିରାଜ । ପ୍ରଥୁମ ନିଶଙ୍କା, ସଦିରା ସମରବିକ୍ରମା, ଚ଼ରିଥ୍ ଅସଲଙ୍କା ଓ ଧନଞ୍ଜୟ ଡିସିଲଭାଙ୍କୁ ପାଭିଲିୟନ ଫେରାଇଥିଲେ । ସେହିପରି ନିଜର ତୃତୀୟ ଓଭରରେ ସନକା ଓ ଷଷ୍ଠ ଓଭରରେ କୁଶଲ ମେଣ୍ଡିସଙ୍କୁ ଆଉଟ୍ କରି ୬ ଓ୍ୱିକେଟ ନେଇଥିଲେ ସିରାଜ । ଏହାଛଡ଼ା ହାର୍ଦ୍ଦିକ ପାଣ୍ଡ୍ୟା ୩ଟି ଓ୍ୱିକେଟ ନେଇ ଶ୍ରୀଲଙ୍କାକୁ ଅଲଆଉଟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।

# ହବିଷ୍ୟାଳୀ ବ୍ରତ ପାଇଁ ପ୍ରାକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ପୁରୀ,(ପି.ଏନ୍): ପୁରୀରେ କାର୍ତିକ ମାସରେ ରାଈଦାମୋଦର ବ୍ରତ ବା ହବିଷ୍ୟାଳି ବ୍ରତ ପାଳନ ନିମିତ ଏକ ପ୍ରାକ ପ୍ରସ୍ତୁତି ବୈଠକ ଶନିବାର ପୂର୍ବାହ୍ନରେ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସମର୍ଥ ବର୍ମା ଏହି ବୈଠକରେ ଅଧକ୍ଷତା କରିବା ସହ ହବିଷ କରିବାକୁ ଆଗ୍ରହୀ ହବିଷ୍ୟାଳି ମା ମାନଙ୍କର ପଞ୍ଜିକରଣ,ରହଣୀ ବ୍ୟବସ୍ଥା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ସନ୍ଧ୍ୟାରେ ଭଜନ ପ୍ରବଚନ ଇତ୍ୟାଦିର ସୁବନ୍ଦୋବସ୍ତ କରିବାକୁ ପରାମର୍ଶ ଦେଇଥିଲେ । ଗତବର୍ଷ ସମସ୍ତଙ୍କ ସହଯୋଗରେ ମା ମାନଙ୍କର ସମସ୍ତ ବ୍ୟବସ୍ଥା ଉତମ ହୋଇଥିଲା । ତେଣୁ ଗତବର୍ଷର ଆଧାରରେ ଚଳିତ ବର୍ଷ ମଧ ଆହୁରି ଭଲଭାବେ ଏହାକୁ ପରିଚାଳନା କରିବାକୁ ମତପ୍ରକାଶ ପାଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ(ପ୍ରଶାସନ) କାର୍ଯ୍ୟସୂଚି ଅନୁଯାୟୀ ଆଲୋଚନା କରିବା ସହ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ । ହବିଷ୍ୟାଳିମାନଙ୍କ ସୁବିଧା ପାଇଁ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରିବା ଓ ପଞ୍ଜିକରଣ ସମୟରେ ଚିକିତ୍ସାଳୟର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରମାଣ ପତ୍ର ସଲଗ୍ନ କରିବାକୁ ଅନୁରୋଧ କରାଯାଇଛି । ସେଇପରି ହବିଷ୍ୟାଳି ମା ମାନଙ୍କ ରହଣୀସ୍ଥଳ ବୃନ୍ଦାବତୀ ନିବାସ, ଅକ୍ଷୟ ପାତ୍ର ଫାଉଣ୍ଡେସନ, ବଗଳା ଧର୍ମଶାଳା, ବାଗେଡିଆ ଧର୍ମଶାଳା ଏବଂ ମୋଚିସାହି କଲ୍ୟାଣ ମଣ୍ଡପର ସ୍ଥିତି ଅନୁଧ୍ୟାନ କରିବା ସହ ଆନୁସଙ୍ଗିକ ସୁବିଧା ସୁଯୋଗ ବ୍ୟବସ୍ଥା କରିବା,ସ୍ୱାସ୍ଥ୍ୟ ସେବା ପାଇଁ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା,ଅଗ୍ନି ନିର୍ବାପକ ବ୍ୟବସ୍ଥା,ସ୍ନାନ ସମୟରେ ସୁରକ୍ଷା ବ୍ୟବସ୍ଥା, ପରିବହନ ବ୍ୟବସ୍ଥା, ପାନୀୟ ଜଳ,ବିଦ୍ୟୁତ ବ୍ୟବସ୍ଥା,ମହାପ୍ରସାଦ ବ୍ୟବସ୍ଥା ଏବଂ ନିୟନ୍ତ୍ରଣ କକ୍ଷ ଇତ୍ୟାଦି ସମ୍ପର୍କରେ ଆଲୋଚନା କରିବା ସହ ବିଭାଗୀୟ ଅଧିକାରୀମାନଙ୍କୁ ଏହାର ସୁବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ,ଅତିରିକ୍ତ ଜିଲ୍ଲାପାଳ କୈଳାଶ ଚନ୍ଦ୍ର ନାୟକ(ରାଜସ୍ୱ),ଅତିରିକ୍ତ ଜିଲ୍ଲାପାଳ ଡଃ ଶରତ ଚନ୍ଦ୍ର ମହାପାତ୍ର(ପ୍ରୋଟେକଲ), ଉପ ଜିଲ୍ଲାପାଳ ଭବତାରଣ ସାହୁ,ସିଡିଏମଓ ଡା. ସୁଜାତା ମିଶ୍ର, ପୌର ନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ପ୍ରିୟଦର୍ଶିନୀ ମଲ୍ଲିକ,ଏନ ଆଇ ସି ର ଡିଆଇଓ ବିଶ୍ୱନାଥ ପଣ୍ଡା,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ ସାହୁ,ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏବଂ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀମାନେ ବୈଠକରେ ଯୋଗଦାନ କରି ଆଲୋଚନାରେ ଭାଗ ନେଇଥିଲେ ।

# ଛଉଗାଁ ଉନ୍ନତି ବିଦ୍ୟାଳୟରେ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ



ପଟାଙ୍ଗି:(ପି ଏ ନ) କୋରାପୁଟ ଜିଲ୍ଲା ସେମିଳିଗୁଡ଼ା ବ୍ଲକ ଅନ୍ତର୍ଗତ ଛଉଗାଁ ଉନ୍ନତି ବିଦ୍ୟାଳୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଚ଼ଉଗାଁ ହଷ୍ଟେଲରେ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଜୀନୁ ପଣ୍ଡା, ଉଦ୍ୟାନ କୃଷି ଅଧିକାରୀ,ସାଧାରଣ କ୍ଲିନିକାଲ୍ ଗବେଷଣା କେନ୍ଦ୍ର,ସ୍ମିତା ଜେନା, ନିରାଶ ଚୌଧୁରୀ, ମକର ଯାନୀ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ଛଉଗାଁ ସ୍କୁଲର ପ୍ରଧାନ ଶିକ୍ଷକ ପ୍ରମଦ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ସେ ତାଙ୍କ ଅଭିଭାଷଣରେ ସମସ୍ତ ଅଭିଭାବକ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଦେଖେଇଥିବା ମାନ୍ୟଗଣ ବ୍ୟକ୍ତି ଯଥା ଜର୍ଜ ଓ୍ୱାଶିଂଟନ, ଥୋମାସ ଏଡିଶନ, ପ୍ରମିଳା ପଣ୍ଡା, ସୁକାନ୍ତି ମଲ୍ଲିକ, ତାରିଣୀ ପ୍ରଧାନ, ବିଷୟରେ ପ୍ରେରଣା ଦାୟକ ଉଦାହରଣ ଦେଇଥିଲେ । ଏଥିରେ ସତନ୍ତ୍ର ଅଥିତି ଭାବେ ରଶ୍ମିତା କହଁର, ଇତିଶ୍ରୀ ସାହୁ, ସତ୍ୟନାରାୟଣ ସେଠୀ, ଗୀତାଞ୍ଜଳି ପାତ୍ର, ନର୍ସ କିରାଣୀ ସାହୁ ମମହୋଦୟ ଅଭିଭାବକ କିଭଳି ଅଂଶୀଦାର ଭାବରେ ଶିକ୍ଷା ବ୍ୟବସ୍ଥାର ପରିବର୍ତନ ଆଣିବା ସହିତ ସ୍କୁଲ ପରିବେଶ, ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଶୃଙ୍ଖଳା ବିଷୟରେ ବର୍ଣ୍ଣନା କରିଥିଲେ । ଏତଦ ବ୍ୟତୀତ ଅଭିଭାବକ ମାନେ କିଭଳି ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଯୋଜନ ମାଧ୍ୟମରେ ସାମାଜିକ ଓ ଆର୍ଥିକ ଉପକୃତ ହେବେ ତାହା ଉପରେ ବ୍ୟକ୍ତବ ରଖିଥିଲେ କାରଣ ଏହି ଆମେ ଜାଣିବା ଆମେ ଜିଣିବା କାର୍ଯକ୍ରମଟି ସମ୍ପୂର୍ଣ୍ଣ ଭାବରେ ଅଭିଭାବକ ମାନଙ୍କ ପାଇଁ ସୂଚ଼ନା ଶିକ୍ଷାଦାୟକ ସମ୍ପ୍ରେଷଣ ଭିତ୍ତିକ ଅଟେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ର ସମସ୍ତ ବିଭାଗ ଯଥା ଜିଲ୍ଲା ମଙ୍ଗଳ ବିଭାଗ, ଜିଲ୍ଲା ଶିକ୍ଷା ବିଭାଗ, ମତ୍ସ୍ୟ ବିଭାଗ,କୃଷି ବିଭାଗ, ପଶୁ ଓ ପ୍ରାଣୀ ସମ୍ପଦ ବିଭାଗ, ସ୍ୱାସ୍ଥ୍ୟ ବିଭାଗ , ମିଶନଶକ୍ତି ମହିଳା ଓ ଶିଶୁ ବିଭାଗ,ଆଦିବାସି ଉନ୍ନୟନ ବିଭାଗ ତରଫରୁ ସରକାରଙ୍କର ସମସ୍ତ କାର୍ଯ୍ୟକ୍ରମ ଉପରେ ଅବିଭାବକ ମାନଙ୍କୁ ସୂଚ଼ନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନେ ମଧ ଅଂଶ ଗ୍ରହଣ କରି ତାଙ୍କ ବିଦ୍ୟାଳୟରେ ପଢୁଥିବା ପିଲାମାନଙ୍କ ଦ୍ୱାରା ବିଦ୍ୟାଳୟରେ ପ୍ରଦର୍ଶିତ କୃତିତ୍ୱର ବିଭିନ୍ନ ଫଟୋ ଗ୍ୟାଲେରୀରେ ପ୍ରଦର୍ଶନ କରିଥିଲେ । ଏବଂ ଅତିଥି ମାନଙ୍କ ଦ୍ୱାରା ପୁରଷ୍କାର ପ୍ରଦାନ କରାଯାଇଥିଲା ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray